# ଓଡ଼ିଶାରେ କୃଷି ଓ ସମୁଦ୍ରବିକାଶ



ଓଡ଼ିଶା ସରକାରଙ୍କ ଘରୋଇ ( ଲୋକସଂପର୍କ )
ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

# VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧି ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଅଛନ୍ତି, ସେମାନଙ୍କ ହାତରେ ଏ ବହିରୁ ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ସଂକ୍ରାନ୍ତ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଏବଂ ଏଥିରେ ସନ୍ନିବିଷ୍ଟ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୧ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

(୧) ଘରୋଇ (ଲୋକସମ୍ପର୍କ) ବିଭାଗ ଅଫିସ
ପୋ: ଅ: ନିଉକାପିଟାଲ ଭୁବନେଶ୍ୱର
(ପୁରୀ) ଓଡ଼ିଶା

(୧) ଆପଣଙ୍କ ଜିଲ୍ଲାର
ଲୋକସମ୍ପର୍କ ଅଫିସ

सत्यमेव जयते

Presented to "Pragati Utkal Sangha"
By
[signature]
27.12.58

ଓଡ଼ିଶାରେ

# କୃଷି ଓ ସମୂହ ବିକାଶ

## ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି

୧୯୫୮

ଉତ୍କଳ ସଂଘ ଲାଇବ୍ରେରୀ
ନଂ ୦/୪୪
ତା 27 NOV 1958
ରାଉରକେଲା


ପ୍ରକାଶକ
ଘରୋଇ ( ଲୋକସଂପର୍କ ) ବିଭାଗ, ଓଡ଼ିଶା
ଭୁବନେଶ୍ୱର

# ଉତ୍କଳ ପ୍ରସଙ୍ଗ'ର
# କିପରି ଗ୍ରାହକ ହେବେ

ଆପଣମାନଙ୍କ ନିଜ ଜିଲ୍ଲାର ପବ୍ଲିକ୍ ରିଲେସନ୍ସ ଅଫିସର୍ଙ୍କୁ ଅଗ୍ରିମ ଦୁଇଟଙ୍କା ଚାନ୍ଦା ଦେଇଦେଲେ ବା ମନିଅର୍ଡର କରିଦେଲେ ସେ ବର୍ଷକ ପାଇଁ ଆପଣଙ୍କୁ 'ଉତ୍କଳ ପ୍ରସଙ୍ଗ'ର ଗ୍ରାହକ କରି ଦେବେ । ଆପଣ ଘରେ ବସି ଡାକ ଯୋଗେ ମାସକୁ ମାସ ବାରମାସ ଯାଏ ଉତ୍କଳ ପ୍ରସଙ୍ଗ ପାଉଥିବେ । ଉତ୍କଳ ପ୍ରସଙ୍ଗ ପ୍ରତି ଇଂରାଜୀ ମାସର ୧୫ ତାରିଖ ଦିନ ପ୍ରକାଶିତ ହୁଏ ।

ଏହା ନ କରି ଆପଣ ଯଦି ତଳଲିଖିତ ଠିକଣାକୁ ଦୁଇଟଙ୍କା ଅଗ୍ରିମ ପଠାଇ ଦିଅନ୍ତୁ ବା ମନିଅର୍ଡର କରି ଦିଅନ୍ତୁ, ତାହାହେଲେ ମଧ୍ୟ ଆପଣ ବର୍ଷକପାଇଁ ଉତ୍କଳ ପ୍ରସଙ୍ଗର ଗ୍ରାହକ ହୋଇ ପାରିବେ । ଚିଠିରେ ବା ମନିଅର୍ଡର କୁପନରେ ନିଜ ନାଁ, ଗାଁ ନାଁ ଓ ଡାକଘର ନାଁ ପରିଷ୍କାର ଭାବରେ ଲେଖିବେ ।


ପବ୍ଲିକ୍ ରିଲେସନସ୍ ଅଫିସର୍
ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା
ପୋ: ଅ: ନିଉ କାପିଟାଲ ଭୁବନେଶ୍ୱର
ଜିଲା ପୁରୀ



ଧାନ କିଆରୀ ଭିତରେ କୋରାପୁଟର ଆଦିବାସୀ ।
ସେ ତା କ୍ଷେତରେ ଏବେ ସାର ଓ ହାଡ଼ଗୁଣ୍ଡି
ଆଦି ବ୍ୟବହାର କରି ଅଧିକ ପରିମାଣରେ
ଧାନ ଅମଳ କରୁଛି




ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଗହମ କ୍ଷେତରେ ସମ୍ପ୍ରସାରଣ କର୍ମିଗଣ



ବ୍ଲକ ଅଞ୍ଚଳରେ ଉନ୍ନତ ଧରଣର ଲଙ୍ଗଳ ପ୍ରବର୍ତ୍ତନ କରାଯାଉଛି ।
ଗ୍ରାମସେବକ ଏହି ଲଙ୍ଗଳ ସମ୍ବନ୍ଧରେ କୃଷୀଙ୍କୁ ବୁଝାଉଛନ୍ତି ।
କୃଷୀମାନେ ଆନନ୍ଦରେ ଏହି ଲଙ୍ଗଳ ବ୍ୟବହାର କରୁଛନ୍ତି

DEC. 27 NOV 1958



ପଲ୍ଲୀ ଅଞ୍ଚଳରେ  ଓପାଟେଶ୍ୱୀ ଦଳରୁ ଖତ ପ୍ରସ୍ତୁତ କରାଯାଉଛି । ଗତ ଦୁଇବର୍ଷ ଭିତରେ ୨୩ ହଜାର  ଟନ୍‌ରୁ
ଅଧିକ କମ୍ପୋଷ୍ଟ ଏହିପରି ଭାବରେ ତିଆରି କରାଯାଇ କ୍ଷେତରେ ବ୍ୟବହାର କରାଯାଉଛି

# ଓଡ଼ିଶାରେ କୃଷି

ଭାରତର ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ସବୁଠାରୁ ବେଶୀ ପରିମାଣରେ କୃଷି ଉପରେ ନିର୍ଭର କରି ଚଳେ । ସମଗ୍ର ଓଡ଼ିଶାର ଲୋକସଂଖ୍ୟାର ଶତକଡ଼ା ପ୍ରାୟ ୯୬ ଭାଗ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ଶତକଡ଼ା ପ୍ରାୟ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି । ତେଣୁ ଓଡ଼ିଶାର ଜାତୀୟ ଆୟର ଅଧିକାଂଶ କୃଷିରୁ ହିଁ ମିଳିଥାଏ । ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ କୃଷି ଉନ୍ନତ ଅବସ୍ଥାକୁ ନ ଆସିଛି, ସେତେ ଦିନ ପର୍ଯ୍ୟନ୍ତ ଏହି ରାଜ୍ୟର ଜନସାଧାରଣଙ୍କ ଜୀବନଧାରଣପ୍ରଣାଳୀରେ ଉନ୍ନତି ହେବା ସମ୍ଭବ ନୁହେଁ । ପୁଣି ଓଡ଼ିଶାରେ କୃଷି କହିଲେ ପ୍ରଧାନତଃ **ଧାନଚାଷ** ବୁଝାଏ ।

ପୃଥିବୀରେ ଅନ୍ୟାନ୍ୟ ଦେଶମାନଙ୍କରେ ଏକରେ ଜମିରୁ ଯେତେ ଧାନ ଆମଦାନି ହୁଏ, ଭାରତରେହାରାହାରି ତା'ଠାରୁ ଊଣା ହୁଏ । ପୁଣି ଭାରତର ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାରେ ଏକର ପିଛା ଆମଦାନି ସବୁଠାରୁ କମ୍ । ଗତ ଦ୍ୱିତୀୟ ମହାଯୁଦ୍ଧ ଭିତରେ ଜମିର ଉତ୍ପାଦିକା ଶକ୍ତି ବଢ଼ାଇବା, ଜଳସେଚନ ସୁବିଧା କରାଇବା ଇତ୍ୟାଦି ଦିଗରେ ବିଶେଷ ଦୃଷ୍ଟି ଦିଆ ନ ଯିବା ଫଳରେ ଏହି ଉତ୍ପାଦନ ପରିମାଣ ଆହୁରି କମିଯାଇଥିଲା ।

ସମଗ୍ର ଭାରତରେ ଏକରପିଛା ହାରାହାରି ଧାନ ଉତ୍ପାଦନ ୧୨୪୦ ପାଉଣ୍ଡ ହେଉଥିବାସ୍ଥଳେ ଓଡ଼ିଶାରେ ଏହା କେବଳ ୯୭୫ ପାଉଣ୍ଡ । ଏହା ଫଳରେ ଓଡ଼ିଶାର ଘୋର ବୈଷୟିକ କ୍ଷତି ହେଉଛି ।

ଏକ ହିସାବରେ ଦର୍ଶାଯାଇଛି ଯେ ଇଜପ୍‌ଟରେ ଏକର ପିଛା ଯେତେ ଧାନ ଉତ୍ପାଦନ ହେଉଛି, ଓଡ଼ିଶାରେ ଯଦି ସେତିକ କରାଯାଇ ପାରନ୍ତା, ତେବେ ଓଡ଼ିଶାକୁ ବର୍ଷକୁ ୨୧୩.୫ କୋଟି ଟଙ୍କା ଅଧିକ ମିଳନ୍ତା । ଜାପାନୀ ପ୍ରଣାଳୀରେ ଚାଷ କରି ଜାପାନର ଲୋକମାନେ ବର୍ଷକୁ ଏକର ପିଛା ଯେତିକ ଧାନ ପାଆନ୍ତି, ଓଡ଼ିଶାରେ ଯଦି ତାହା ହୋଇପାରନ୍ତା ତେବେ ବର୍ଷକୁ ଓଡ଼ିଶାର ଲୋକେ ୨୭୦.୭ କୋଟି ଟଙ୍କା ଅଧିକ ପାଆନ୍ତେ । କେବଳ ଧାନର ଉତ୍ପାଦନ ବଢ଼ିଲେ ତ ଏହି ଲାଭ ହୁଅନ୍ତା । ସେହିପରି ଅନ୍ୟାନ୍ୟ ଫସଲର ଉତ୍ପାଦନ ଅନ୍ୟ ଦେଶମାନଙ୍କ ସମକକ୍ଷ ହେଲେ ଓଡ଼ିଶାର ସମ୍ପଦ କିଭଳି ଭାବରେ ବଢ଼ନ୍ତା, ଏଥିରୁ ତାହା ସହଜେ ଅନୁମାନ କରି ହେବ । ଓଡ଼ିଶାର ଦାରିଦ୍ର୍ୟର ଏକ ପ୍ରଧାନ କାରଣ ହେଉଛି, ଏଠା କୃଷିର ଏହି ଅନୁନ୍ନତ ଅବସ୍ଥା । ସେଇଥିପାଇଁ ପ୍ରଥମ ଯୋଜନା ସମୟରେ କୃଷି ଉପରେ ଅଧିକ ଜୋର ଦିଆ ଯାଇଥିଲା । ଦ୍ୱିତୀୟ ଯୋଜନାରେ ଏକ ସୁଚିନ୍ତିତ ଯୋଜନା ଅନୁସାରେ କୃଷି ଉତ୍ପାଦନର ଉନ୍ନତି ପାଇଁ କାର୍ଯ୍ୟ କରାଯାଉଛି ।

## କୃଷି ଉତ୍ପାଦନ

ଓଡ଼ିଶାର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବିଭିନ୍ନ ରୀତିରେ କୃଷିର ଉନ୍ନତିବିଧାନ କରିବାପାଇଁ ପରିକଳ୍ପନା କରାଯାଇଛି । ଅଧିକ ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଦିଗରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଅଧିକ ଜମିରେ ଖାଦ୍ୟୋପଯୋଗୀ ଫସଲ ଓ ଅର୍ଥକର ଫସଲ ଚାଷ କରିବାପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ମୂଳରୁ ୨୫ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଥିଲା । ଏହାର ଶତକଡ଼ା ୩୦ ଭାଗ ଅଧିକ ଫସଲ

ଉତ୍ପାଦନ କରିବା ପାଇଁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ଜଳସେଚନର ସୁବିଧା କରାଯାଇ, ଅଧିକ ବିହନ ଖତ ଓ ସାର ଯୋଗାଇ ଦିଆଯାଇ, ମୃତ୍ତିକା ସଂରକ୍ଷଣର ବ୍ୟବସ୍ଥା କରାଯାଇ, ଜମି ଉଦ୍ଧାର କରାଯାଇ ଓ ଉନ୍ନତତର କୃଷି ପ୍ରଣାଳୀ ଅବଲମ୍ବନ କରାଯାଇ ଏହି ଲକ୍ଷ୍ୟ ହାସଲ ହେବ ବୋଲି ଆଶା କରାଯାଏ । ବିଭିନ୍ନ କାର୍ଯ୍ୟ ବାବଦରେ ନିମ୍ନଲିଖିତ ଲକ୍ଷ୍ୟ ହାସଲ କରିବାପାଇଁ ସ୍ଥିର କରାଯାଇଛି: —

| କାର୍ଯ୍ୟ | ଯୋଜନା କାଳ ମଧ୍ୟରେ ହାସଲ ହେବାକୁଥିବା ଲକ୍ଷ୍ୟ | ୧୯୭୦-୭୧ ମସିହା ସୁଦ୍ଧା ଟନ୍ ଆକାରରେ ଅତିରିକ୍ତ ଉତ୍ପାଦନ |
|---|---|---|
| ବୃହତ୍ ଜଳସେଚନ | ୮,୦୦,୦୦୦ ଏକର | ୧,୭୦,୦୦୦ |
| କ୍ଷୁଦ୍ର ଜଳସେଚନ | ୨,୦୦,୦୦୦ ଏକର | ୪୦,୦୦୦ |
| ଯବକ୍ଷାରଜାନ ମିଶ୍ରିତ ସାର | ୪୦,୦୦୦ ଟନ୍ | ୮୨,୦୦୦ |
| ସୁପର ଫସଫେଟ୍ | ୨୦,୦୦୦ ଟନ୍ | ୪୦,୦୦୦ |
| ହାଡ଼ଗୁଣ୍ଡ | ୧୨,୦୦୦ ଟନ୍ | ୧୨,୦୦୦ |
| କମ୍ପୋଷ୍ଟ ଖତ | ୧୨,୫୦,୦୦୦ ଟନ୍ | ୩୭,୦୦୦ |
| ସବୁଜ ଖତ | ୧୭,୦୦୦ ଟନ୍ | ୯୭,୦୦୦ |
| ଧାନ ବିହନ ବଣ୍ଟନ | ୫୩,୩୨୦ ଟନ୍ | ୨୧୩,୦୦୦ |
| ଅନ୍ୟାନ୍ୟ ବିହନ | ୩,୦୦୦ ଟନ୍ | ୧୩,୭୦୦ |
| ଅନାବାଦୀ ଜମି ଆବାଦ | ୧୨,୦୦୦ ଏକର | ୨,୦୦୦ |
| ମୃତ୍ତିକା ସଂରକ୍ଷଣ | ୭୫,୦୦୦ ଏକର | ୮,୦୦୦ |
| ଉନ୍ନତ ଧରଣର କୃଷିପ୍ରଣାଳୀ | ୨୫୦,୦୦୦ ଏକର | ୫୦,୦୦୦ |
| ମୋଟ | ... ... | ୭,୫୧,୭୦୦ |

ଉପରିଲିଖିତମତେ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯିବା ଛଡ଼ା ଅଧିକ ଜମିରେ ଅର୍ଥକର ଫସଲ ଚାଷ କରିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି ଓ ୧୯୬୦-୬୧ ମସିହା ଶେଷ ବେଳକୁ ଉତ୍ପାଦନ ଦିଗରେ ନିମ୍ନଲିଖିତ ଲକ୍ଷ୍ୟ ହାସଲ ହେବ ବୋଲି ସ୍ଥିର ହୋଇଛି :—

| ଫସଲ | | | ୧୯୬୦-୬୧ ସୁଦ୍ଧା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ |
|---|---|---|---|
| ଝୋଟ | ... | ... | ୩୫୦,୦୦୦ ଗାଣ୍ଠି |
| କପା | ... | ... | ୩୦,୦୦୦ ଗାଣ୍ଠି |
| ଆଖୁ | ... | ... | ୧,୬୧୨,୦୦୦ ଟନ୍ |
| ତୈଳବୀଜ | ... | ... | ୯୦,୦୦୦ ଟନ୍ |

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା କୃଷି ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତିନୋଟି ପ୍ରଧାନ ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା — (୧) କୃଷି ଗବେଷଣା, (୨) କୃଷି ଶିକ୍ଷା ଓ (୩) କୃଷି ସଂପ୍ରସାରଣ ।

## (୧) କୃଷି ଗବେଷଣା

କୃଷି ବିଭାଗର ପ୍ରଧାନ ପ୍ରଧାନ ଗବେଷଣା କାର୍ଯ୍ୟଗୁଡ଼ିକ କୃଷି ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ରସାୟନ, କୀଟତତ୍ତ୍ୱ, ଛତୁ ବିଜ୍ଞାନ ଓ ଫଳଫୁଲ ବିଜ୍ଞାନ ବିଭାଗମାନଙ୍କରେ ସଂପାଦିତ ହୋଇଥାଏ । ଯୋଜନାର ପ୍ରଥମ ୩ ବର୍ଷ ହେଲା ମୃତ୍ତିକା ପରୀକ୍ଷା ଯୋଜନାରେ ହେଉଥିବା ଖର୍ଚ୍ଚକୁ ଭାରତ ସରକାର ବହନ କରୁଛନ୍ତି । ଏହା

ସହିତ ଉନ୍ନୟନ ଦିଗରେ ନିମ୍ନଲିଖିତ ଅନୁସନ୍ଧାନ କାର୍ଯ୍ୟଗୁଡ଼ିକ କରାଯାଉଛି :—

(୧) ରାଜ୍ୟ ଗବେଷଣା କେନ୍ଦ୍ର ଓ କେନ୍ଦ୍ରୀୟ ଫାର୍ମର ଉନ୍ନୟନ ।

(୨) ଉଦ୍ଭିଦ ବିଜ୍ଞାନର ପୁନର୍ଗଠନ ।

(୩) ଉଦ୍ଭିଦ ବିଜ୍ଞାନ ବିଭାଗର ଉନ୍ନୟନ ।

(୪) ରସାୟନ ବିଭାଗର ଉନ୍ନୟନ ।

(୫) କୃଷିଯନ୍ତ୍ର ବିଭାଗର ଉନ୍ନୟନ ।

(୬) ଛତ୍ରୁ ବିଜ୍ଞାନ ବିଭାଗର ଉନ୍ନୟନ ।

(୭) କୀଟତତ୍ତ୍ୱ ବିଭାଗର ଉନ୍ନୟନ ।

(୮) ଫଳଫୁଲ ( ଗବେଷଣା ) ବିଭାଗର ଉନ୍ନୟନ ।

(୯) ମୃତ୍ତିକା ପରୀକ୍ଷା ।

ବିଭିନ୍ନ କ୍ଷେତ୍ରରେ ଗବେଷଣା ଚଳାଇବା ପାଇଁ ସୁବନ୍ଦୋବସ୍ତ କରିବା ନିମନ୍ତେ ଯୋଜନାକାଳରେ ଏ ସବୁ ଗବେଷଣା ବିଭାଗ ଗୁଡ଼ିକର ଅଭିବୃଦ୍ଧି କରାଯାଉଛି । ଜମିରେ ପରୀକ୍ଷା କରିବା ପାଇଁ ଓ ଗବେଷଣାର ଫଳାଫଳ ଗ୍ରହଣ କରିବା ଉଦ୍ଦେଶ୍ୟରେ ଚାଷୀଙ୍କୁ ପରାମର୍ଶ ଦେବା ପୂର୍ବରୁ ଜମିରେ ଗବେଷଣାର ଫଳାଫଳ ପରୀକ୍ଷା କରିବା ସକାଶେ ରାଜ୍ୟ ଗବେଷଣା ଅନୁଷ୍ଠାନ ଓ କେନ୍ଦ୍ରୀୟ ଫାର୍ମ ତରଫରୁ ବିଭିନ୍ନ ବିଭାଗକୁ ସୁବିଧା ଦିଆଯାଇଛି । ଭୁବନେଶ୍ୱର କୃଷି ମହାବିଦ୍ୟାଳୟ ଓ ସମ୍ପ୍ରସାରଣ ତାଲିମ କେନ୍ଦ୍ରର ଛାତ୍ରମାନଙ୍କୁ ବ୍ୟାବହାରିକ ଶିକ୍ଷା ଦେବାପାଇଁ ମଧ୍ୟ ଫାର୍ମରେ ବ୍ୟବସ୍ଥା କରାଯାଇଛି । କୃଷି ରସାୟନ ସମ୍ପର୍କରେ ଗବେଷଣା ଭାର ନେବାଛଡ଼ା ଓଡ଼ିଶାରେ ଧାରାବାହିକ ମୃତ୍ତିକା ଅନୁସନ୍ଧାନ ଭାର ନେବାପାଇଁ ରସାୟନ ବିଭାଗକୁ ଦୃଢ଼ୀଭୂତ କରାଯାଇଛି । ସମ୍ବଲପୁରଠାରେ

ଥିବା ମୃତ୍ତିକା ପରୀକ୍ଷା କେନ୍ଦ୍ରରେ କୃଷିର ଜମିରୁ ସଂଗୃହୀତ ହୋଇଥିବା ମୃତ୍ତିକାଗୁଡ଼ିକର ନମୁନା ପରୀକ୍ଷା କରାଯାଏ ଓ ମୃତ୍ତିକାର ନମୁନାଗୁଡ଼ିକ ବିଶ୍ଳେଷଣ କରାଯାଇ ଯେଉଁ ଫଳ ଲାଭହୁଏ, ତାକୁ ଭିତ୍ତି କରି ଉପଯୁକ୍ତ ଖତ ପ୍ରୟୋଗ କରିବା ପାଇଁ କୃଷୀମାନଙ୍କୁ ପରାମର୍ଶ ଦିଆଯାଏ ।

ଭୁବନେଶ୍ୱରଠାରେ ଥିବା କେନ୍ଦ୍ରୀୟ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ବିଭାଗରେ ଯେଉଁ ସବୁ ଗବେଷଣା କାର୍ଯ୍ୟ କରାଯାଉଛି, ତାହା ଛଡ଼ା ରାଜ୍ୟର ଅନ୍ୟ କେତେକ ଗବେଷଣା ଅନୁଷ୍ଠାନରେ ମଧ୍ୟ କାର୍ଯ୍ୟ ହେଉଛି । ଏହି ଗବେଷଣା କାର୍ଯ୍ୟର ଆଂଶିକ ଖର୍ଚ୍ଚ "କମୋଡ଼ିଟି କମିଟି" ବହନ କରନ୍ତି । ଉକ୍ତ ଅନୁଷ୍ଠାନମାନଙ୍କରେ ବିଶେଷ ଧରଣର ଫସଲ ସଂପର୍କରେ ଗବେଷଣା କରାଯାଏ ।

**ସାଇଟ୍ରସ୍ ( ବା ଲେମ୍ବୁ ଜାତୀୟ ଫଳ ) ଗବେଷଣା କେନ୍ଦ୍ରର ଉନ୍ନୟନ :**—ଏହି କେନ୍ଦ୍ରଟି ଅନଗୁଳଠାରେ ସ୍ଥାପିତ ହୋଇଛି । ଏଠାରେ ଲେମ୍ବୁଜାତୀୟ ଫଳବୃକ୍ଷ ସଂପର୍କରେ ଗବେଷଣା କରାଯାଏ । ଗବେଷଣା କେନ୍ଦ୍ରର ଉନ୍ନତିବିଧାନ କରାଯାଇଛି । ଗବେଷଣାଗାର ପାଇଁ ଘର ଓ ଜଳସେଚନର ବ୍ୟବସ୍ଥା କରାଯାଇଛି । ଗବେଷଣା କାର୍ଯ୍ୟ ଚଳାଇବା ପାଇଁ ଅତିରିକ୍ତ କର୍ମଚାରୀ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଏହି ଗବେଷଣା କେନ୍ଦ୍ରରେ ୧୯୫୮-୫୯ରେ ମଧ୍ୟ ପୂର୍ବପରି କାମ ହେବ ।

**ଝୋଟ ଗବେଷଣା କେନ୍ଦ୍ର ସ୍ଥାପନ**—ଏହି ଯୋଜନାରେ ସମୁଦାୟ ଖର୍ଚ୍ଚ ଭାରତୀୟ କେନ୍ଦ୍ରୀୟ ଝୋଟ କମିଟି ବହନ କରୁଛନ୍ତି । ୧୯୫୭-୫୮ରେ କେନ୍ଦ୍ରାପଡ଼ାଠାରେ ଝୋଟ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି । ଏଠାରେ ଝୋଟ ବୃକ୍ଷର

ବିଭିନ୍ନ ଦିଗରେ କାର୍ଯ୍ୟ କରାଯିବ । ୧୯୫୮-୫୯ରେ ଏହି ଗବେଷଣା କେନ୍ଦ୍ରରେ କାର୍ଯ୍ୟ ଚାଲୁରହିବ ।

**କପା ବିଷୟରେ ଗବେଷଣା :—** କପା ଗବେଷଣା କେନ୍ଦ୍ର ଚକୁଳିଠାରେ ଅବସ୍ଥିତ । ଅରକାବାଲିଠାରେ ଏହାର ଗୋଟିଏ ଉପକେନ୍ଦ୍ର ଅଛି । ଜଳସେଚିତ ହେଉଥିବା ଜମି ଓ ଜଳସେଚିତ ନ ହେଉଥିବା ଜମିରେ କି କି ପ୍ରକାର କପା ଚାଷ ହୋଇପାରିବ, ତାହା ପରୀକ୍ଷା କରି ଦେଖାଯାଉଛି ଓ ୧୯୫୮-୫୯ ମସିହାରେ କପା ଚାଷ କରିବା, ଜମିରେ ଖତ ଦେବା ଓ ପର୍ଯ୍ୟାୟକ୍ରମେ ଚାଷ କରିବା ସଂପର୍କରେ ଗବେଷଣା କରାଯାଉଛି ।

**ଆଖୁ ସଂପର୍କରେ ଗବେଷଣା :—** ପ୍ରଧାନ ଗବେଷଣା କେନ୍ଦ୍ରଟି ଭୁବନେଶ୍ୱରଠାରେ ସ୍ଥାପିତ ହୋଇଛି । ଏ କେନ୍ଦ୍ରର ଗୋଟିଏ ଶାଖା ରାୟଗଡ଼ାଠାରେ ଅଛି । ବିଭିନ୍ନ କିସମର ଆଖୁ ପରୀକ୍ଷା କରିବା ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷ ହୋଇପାରିବା ଭଳି ଉପଯୁକ୍ତ ନମୁନା ବାହାର କରିବା ଏହି ଯୋଜନାର ଲକ୍ଷ୍ୟ ଅଟେ । ୧୯୫୮-୫୯ରେ ଆଉ ଗୋଟିଏ ଗବେଷଣା ଉପକେନ୍ଦ୍ର ସ୍ଥାପିତ ହେବ ।

**ଗୁଡ଼ ତିଆରି ଓ ସାଇତି ରଖିବା ବିଷୟରେ ଗବେଷଣା :—** ଆଖୁପେଡ଼ା କଳ, କରେଇ, ଚୁଲି ପରୀକ୍ଷା କରିବା ଓ ଗୁଡ଼ ସାଇତି ରଖିବା ସମ୍ପର୍କରେ ଉପଯୁକ୍ତ ପ୍ରଣାଳୀ ବାହାର କରିବା ବିଷୟରେ ଗବେଷଣା ଚାଲିଛି ଓ ଏହା ୧୯୫୮-୫୯ରେ ଚାଲୁ ରହିବ ।

**ହଳଦି ବିଷୟରେ ଗବେଷଣା :—** ଗଞ୍ଜାମ ଜିଲ୍ଲାର ଜି: ଉଦୟଗିରିଠାରେ ହଳଦି ଗବେଷଣା ଅନୁଷ୍ଠାନ ଅବସ୍ଥିତ ।

ଉନ୍ନତ ଧରଣର ହଳଦ ବାଛିବା ଉଦ୍ଦେଶ୍ୟରେ ଏଠାରେ ହଳଦ ଚାଷର ଉଦ୍ଭିଦତତ୍ତ୍ୱ, ରସାୟନିକ, ଜୀବାଣୁବିଜ୍ଞାନ ବିଷୟକ ଓ କୀଟତତ୍ତ୍ୱ ବିଷୟକ ଗବେଷଣା ଚାଲିଛି । ଏ ସବୁ କାର୍ଯ୍ୟ ୧୯୫୮-୫୯ ମସିହାରେ ଚାଲୁ ରହିବ ।

**ତୈଳବୀଜ ସମ୍ପର୍କରେ ଗବେଷଣା :—** ୧୯୫୭-୫୮ ମସିହାରୁ ତୈଳବୀଜ ଗବେଷଣା ଯୋଜନା କାର୍ଯ୍ୟକାରୀ ହେଉଛି । ଗବେଷଣା କେନ୍ଦ୍ରଟି ଭୁବନେଶ୍ୱରଠାରେ ଅବସ୍ଥିତ । ଏଠାରେ ତୈଳବୀଜ ସମ୍ପର୍କରେ ଗବେଷଣା କରାଯାଉଛି । ଏ କାର୍ଯ୍ୟ ୧୯୫୮-୫୯ ମସିହାରେ ଚାଲୁ ରହିବ ।

**ନଡ଼ିଆ ବିଷୟରେ ଗବେଷଣା :—** ସାକ୍ଷୀଗୋପାଳଠାରେ ଥିବା ନଡ଼ିଆ ଗବେଷଣା କେନ୍ଦ୍ରରେ ବିଭିନ୍ନ ପ୍ରକାର ନଡ଼ିଆ ଚାଷ କରିବା, ନଡ଼ିଆ ଗଛମୂଳରେ ଖତ ଦେବା ଆଦି ବିଷୟରେ ଗବେଷଣା ଚାଲିଛି । ଏ କାର୍ଯ୍ୟ ୧୯୫୮-୫୯ରେ ଚାଲୁ ରହିବ ।

**ଗୁଆ ବିଷୟରେ ଗବେଷଣା :—** ସାକ୍ଷୀଗୋପାଳଠାରେ ଥିବା ନଡ଼ିଆ ଗବେଷଣା କେନ୍ଦ୍ରରେ ଗୁଆ ବିଷୟରେ ଗବେଷଣା କରାଯାଉଛି । ଏ କାର୍ଯ୍ୟ ୧୯୫୮-୫୯ରେ ଚାଲୁ ରହିବ ।

**ଗୋଲମରିଚ ଓ ଅଳେଇଚ ସମ୍ପର୍କରେ ଗବେଷଣା:—** ସାକ୍ଷୀଗୋପାଳଠାରେ ଥିବା ବଟାନିକାଲ ସେକ୍‌ସନ ଓ ପଟାଙ୍ଗି ଫାର୍ମରେ ଗୋଲମରିଚ ଓ ଅଳେଇଚ ସମ୍ପର୍କରେ ଗବେଷଣା କରାଯାଉଛି । ଏ କାର୍ଯ୍ୟ ୧୯୫୮-୫୯ରେ ଚାଲୁ ରହିବ ।

# (୨) କୃଷି ଶିକ୍ଷା ଓ ତାଲିମ

କୃଷି ବିଭାଗର ଗବେଷଣା ଓ ସଂପ୍ରସାରଣ କାର୍ଯ୍ୟର ପ୍ରସାର ଘଟିବା ସଙ୍ଗେ ସଙ୍ଗେ ବିଭିନ୍ନ ଗବେଷଣା ଓ ସଂପ୍ରସାରଣ କାର୍ଯ୍ୟକ୍ରମ ଅନୁସାରେ ନିୟମିତ ଭାବରେ କର୍ମଚାରୀ ଯୋଗାଇବାର ଆବଶ୍ୟକତା ଯଥେଷ୍ଟ ବଢ଼ିଯାଇଛି । ବିଭିନ୍ନ ଶ୍ରେଣୀର କର୍ମଚାରୀ ତିଆରିବା ଉଦ୍ଦେଶ୍ୟରେ ଅନେକ ଗୁଡ଼ିଏ ଶିକ୍ଷା ଓ ତାଲିମ ଯୋଜନା କାର୍ଯ୍ୟକାରୀ ହେଉଛି ।

**କୃଷି ମହାବିଦ୍ୟାଳୟର ଉନ୍ନତି** :— କୃଷି ମହାବିଦ୍ୟାଳୟ ଆଜକୁ ଚାରି ବର୍ଷ ହେଲା ସ୍ଥାପିତ ହେଲଣି । ୧୯୫୮ ମସିହା ମଇ ମାସରେ ପ୍ରଥମ ଦଫା କୃଷି-ଗ୍ରାଜୁଏଟ୍ ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୯୫୭-୫୮ରେ ବିଭିନ୍ନ ଶ୍ରେଣୀରେ ଯେତେ ସଂଖ୍ୟାରେ ଛାତ୍ର ଗ୍ରହଣ କରିବାର ଲକ୍ଷ୍ୟ ରଖାଯାଇଥିଲା ଓ ପ୍ରକୃତରେ ଯେତେ ଜଣ ନାମ ଲେଖାଇଥିଲେ, ସେ ସଂପର୍କୀୟ ହିସାବ ତଳେ ଦିଆଗଲା:—

| | ଲକ୍ଷ୍ୟ | ନାମ ଲେଖାଇଥିବା ଛାତ୍ରସଂଖ୍ୟା |
|---|---|---|
| ପ୍ରଥମ-ବାର୍ଷିକ | ୩୨ | ୩୦ |
| ଦ୍ୱିତୀୟ-ବାର୍ଷିକ | ୪୮ | ୩୯ |
| ତୃତୀୟ-ବାର୍ଷିକ | ୪୮ | ୩୧ |
| ଚତୁର୍ଥ-ବାର୍ଷିକ | ୨୫ | ୧୭ |

୧୯୫୮-୫୯ ମସିହାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବାର୍ଷିକ ଶ୍ରେଣୀମାନଙ୍କରେ ସ୍ଥାନଗୁଡ଼ିକର ସଂଖ୍ୟା ଯଥାକ୍ରମେ ୬୪, ୬୪, ୪୩ ଓ ୪୮କୁ ବଢ଼ାଇ ଦିଆଯିବ ।

**ସବ୍-ଓଭରସିୟର ଓ ଫିଲଡ୍‌ମ୍ୟାନ ଡେମନ୍‌ଷ୍ଟ୍ରେଟର ତାଲିମ :**—ବାଲିଆ ଓ ରଙ୍ଗେଇଲୁଣ୍ଡାରେ ଥିବା ମୌଳିକ ସ୍କୁଲଗୁଡ଼ିକ ସହିତ କୃଷି ସବ୍-ଓଭରସିୟର ତାଲିମ କେନ୍ଦ୍ରଗୁଡ଼ିକ ରଖାଯାଇଛି । ଫିଲଡ୍‌ମ୍ୟାନ ଡେମନ୍‌ଷ୍ଟ୍ରେଟର ତାଲିମ କେନ୍ଦ୍ରଟି ମହିଷାପାଟରେ ଥିବା ମୌଳିକ କୃଷି ସ୍କୁଲ ସହିତ ସଂଯୁକ୍ତ ହୋଇଛି । ୧୯୫୬-୫୭ରେ ତାଲିମ ପାଇବା ସକାଶେ ୪୦ ଜଣ କୃଷି ସବ୍-ଓଭରସିୟର ଓ ୨୦ ଜଣ ଫିଲଡ୍‌ମ୍ୟାନ୍ ଡେମନ୍‌ଷ୍ଟ୍ରେଟର ଭର୍ତ୍ତି ହୋଇଥିଲେ । ୧୯୫୭-୫୮ରେ ଏ ସ୍କୁଲମାନଙ୍କରୁ ୪୦ ଜଣ କୃଷି ସବ୍-ଓଭରସିୟର୍ ଓ ୧୨ ଜଣ ଫିଲଡ୍‌ମ୍ୟାନ ଡେମନଷ୍ଟ୍ରେଟର ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ୪୦ ଜଣ କୃଷି ସବ୍‌ଓଭରସିୟର୍ ଓ ୧୯ ଜଣ ଫିଲଡ୍‌ମ୍ୟାନ୍ ଡେମନଷ୍ଟ୍ରେଟର ଭର୍ତ୍ତି ହୋଇଥିଲେ । ୧୯୫୮-୫୯ରେ ଏ କେନ୍ଦ୍ରମାନଙ୍କରେ ତାଲିମ ପାଇଁ ୪୦ ଜଣ ସବ୍-ଓଭରସିୟର ଓ ୨୦ ଜଣ ଫିଲଡ୍‌ମ୍ୟାନ୍ ଭର୍ତ୍ତି ହୋଇଥିଲେ ।

**ସଂପ୍ରସାରଣ ତାଲିମ :**— ସମୂହବିକାଶ ଓ ଜାତୀୟ ସଂପ୍ରସାରଣ ଯୋଜନା ବ୍ଲକମାନଙ୍କରେ ଗ୍ରାମସେବକରୂପେ ନିଯୁକ୍ତ ହେବାପାଇଁ ପ୍ରଥମ ଯୋଜନାକାଳରେ ମହିଷାପାଟ ( ଢେଙ୍କାନାଳ-ଜିଲ୍ଲା ), ରଙ୍ଗେଇଲୁଣ୍ଡା ( ଗଞ୍ଜାମ ଜିଲ୍ଲା ) ଓ ବାଲେଶ୍ୱରଠାରେ ୩ଟି ମୌଳିକ କୃଷି-ସ୍କୁଲ ଓ ବଲାଙ୍ଗୀରଠାରେ ଗୋଟିଏ କୃଷି ଅନୁଷ୍ଠାନ ଖୋଲାଯାଇଥିଲା । ଗ୍ରାମସେବକମାନଙ୍କୁ ତାଲିମ ଦେବା ସକାଶେ ୧୯୫୨ରେ ବଲାଙ୍ଗୀରଠାରେ ଗୋଟିଏ ସଂପ୍ରସାରଣ ତାଲିମ କେନ୍ଦ୍ର ଓ ୧୯୫୪ରେ ଭୁବନେଶ୍ୱରଠାରେ ଆଉ ଗୋଟିଏ ଏହି ଭଳି କେନ୍ଦ୍ର ଖୋଲାଯାଇଥିଲା । ପ୍ରଥମ ଯୋଜନାବେଳେ ଗ୍ରାମସେବକାମାନଙ୍କ ତାଲିମ ସକାଶେ ୧୯୫୫ରେ ଭୁବନେଶ୍ୱର ନିକଟସ୍ଥ ଲକ୍ଷ୍ମୀସାଗର-ଠାରେ ଯେଉଁ ଗାର୍ହସ୍ଥ୍ୟ ଅର୍ଥନୀତି କେନ୍ଦ୍ର ଖୋଲାଯାଇଥିଲା, ତାହା ଚାଲୁ

ଉଛନ୍ତି । ପ୍ରତି ମୌଳିକ କୃଷି ସ୍କୁଲରେ ୬ ମାସକୁ ଥରେ ୬୦ ଜଣ ଶିକ୍ଷାର୍ଥୀ ଓ ପ୍ରତି ମୌଳିକ ଶିକ୍ଷାନୁଷ୍ଠାନରେ ୬ ମାସକୁ ଥରେ ୩୦ ଜଣ ଶିକ୍ଷାର୍ଥୀ ଭର୍ତ୍ତି ହୁଅନ୍ତି । ସଂପ୍ରସାରଣ ତାଲିମ କେନ୍ଦ୍ରମାନଙ୍କରେ ଗ୍ରାମସେବକରୂପେ ତାଲିମ ପାଇବା ପାଇଁ ୬ ମାସରେ ୧୦୦ ଜଣ ଶିକ୍ଷାର୍ଥୀ ଗ୍ରହଣ କରାଯାନ୍ତି । ଗାର୍ହସ୍ଥ୍ୟ ଅର୍ଥନୀତି କେନ୍ଦ୍ରରେ ପ୍ରତି ବର୍ଷ ୨୦ ଜଣ ଗ୍ରାମସେବିକାଙ୍କୁ ତାଲିମ ଦିଆଯାଏ । ଦ୍ଵିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ବ୍ଲକମାନଙ୍କର ସଂଖ୍ୟା ବୃଦ୍ଧି ପାଇଛି । ଏଥିପାଇଁ ବହୁସଂଖ୍ୟକ ଗ୍ରାମସେବକ ଓ ଗ୍ରାମସେବିକା ଦରକାର ହେଉଛନ୍ତି । ସେମାନଙ୍କୁ ତାଲିମ କରିବାପାଇଁ ନିମ୍ନଲିଖିତ ଅତିରିକ୍ତ ଅନୁଷ୍ଠାନମାନ ଖୋଲାଯାଇଛି ବା ଖୋଲା-ଯିବାକୁ ସ୍ଥିର ହୋଇଛି:—

(୧) ସମ୍ବଲପୁର ଜିଲ୍ଲାର ବରପାଲିଠାରେ ୪ର୍ଥ ମୌଳିକ କୃଷି ସ୍କୁଲ ।

(୨) ଭୁବନେଶ୍ଵରଠାରେ ଦ୍ଵିତୀୟ କୃଷି-ଅନୁଷ୍ଠାନ ।

(୩) ଗୋପାଳପୁରଠାରେ ସମାଜ ଶିକ୍ଷା ସଂଗଠନ ତାଲିମ କେନ୍ଦ୍ର ( ପ୍ରତି ୬ ମାସରେ ୪୦ ଜଣ ଲେଖାଏ ଶିକ୍ଷାର୍ଥୀ ଭର୍ତ୍ତି ହେବେ) ।

ବ୍ଲକ ଖୋଲିବା ବିଷୟରେ କୌଣସି ନିଶ୍ଚୟତା ନ ଥିବାରୁ ୧୯୫୮ ଅକ୍ଟୋବର ମାସଠାରୁ ବରପାଲି କୃଷି-ସ୍କୁଲକୁ ବନ୍ଦ କରିଦେବା ପାଇଁ ଓ ୧୯୫୮ ଅପ୍ରେଲଠାରୁ ରଙ୍ଗେଇଲୁଣ୍ଡାଠାରେ ତୃତୀୟ ସଂପ୍ରସାରଣ ତାଲିମ କେନ୍ଦ୍ର ନ ଖୋଲିବାପାଇଁ ସ୍ଥିର ହୋଇଛି । ଗ୍ରାମସେବକମାନଙ୍କ ପାଇଁ ଗୋଟିଏ ପୁନରାବୃତ୍ତି ପାଠ୍ୟକ୍ରମ ଏବଂ ଗ୍ରାମ୍ୟ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଗୋଟିଏ ଦିଗ୍ ନିର୍ଦ୍ଦେଶ ତାଲିମ କେନ୍ଦ୍ର ଖୋଲାଯିବ ବୋଲି ମନସ୍ଥ ହୋଇଛି ।

## (୩) କୃଷି ସଂପ୍ରସାରଣ

### (କ) ଉନ୍ନତ ଧରଣର ବିହନ ଉତ୍ପାଦନ; ସଂଗ୍ରହ ଓ ବଣ୍ଟନ

**ପରୀକ୍ଷାମୂଳକ ଫାର୍ମ ଓ ବିହନ ଫାର୍ମ ସ୍ଥାପନ :—** ବ୍ଲକମାନଙ୍କୁ ଯୋଗାଇଦେବା ସକାଶେ ବିଭିନ୍ନ ଫସଲର ମୂଳ ଓ ଉନ୍ନତ ଧରଣର ବିହନ ଯଥେଷ୍ଟ ପରିମାଣରେ ଉତ୍ପାଦନ କରିବା ଲାଗି ଦ୍ୱିତୀୟ ଯୋଜନାକାଳରେ ପ୍ରତ୍ୟେକ ୨୫ ଏକର ବିଶିଷ୍ଟ ୧୦୦ ଗୋଟି ନୂଆ ବିହନ ଫାର୍ମ ସ୍ଥାପନ କରିବା ପାଇଁ ସ୍ଥିର କରା ଯାଇଛି । ଏଥିମଧ୍ୟରୁ ୨୨ଟି ବିହନ ଫାର୍ମ ୧୯୫୬-୫୭ ମସିହାରେ ସ୍ଥାପିତ ହୋଇଛି । ଏହା ଛଡ଼ା ହୀରାକୁଦ ଅଞ୍ଚଳରେ ୧୧ଟି ଫାର୍ମ ସ୍ଥାପିତ ହୋଇଛି । ୧୯୫୭-୫୮ରେ ୫୦ଟି ବିହନ ଫାର୍ମ ଖୋଲିବାର ନିର୍ଦ୍ଦେଶ କରାଯାଇଥିଲା । ଅବଶିଷ୍ଟ ୨୮ଟି ବିହନ ଫାର୍ମ ୧୯୫୮-୫୯ରେ ସ୍ଥାପିତ ହେବ ବୋଲି ମନସ୍ଥ କରାଯାଇଛି ।

**ଆଳୁ ସାଇତ ରଖିବା ପାଇଁ ଶୀତଳ ଭଣ୍ଡାର ସ୍ଥାପନ :—** ଯଥେଷ୍ଟ ପରିମାଣରେ ଭଲ ଆଳୁ ସାଇତି ରଖିବା ଓ ଯୋଗାଇଦେବା ଉଦ୍ଦେଶ୍ୟରେ କଟକରେ ଥିବା ଶୀତଳ ଭଣ୍ଡାରର ଉନ୍ନତିବିଧାନ କରାଯାଇଛି ଓ ସେଠାରେ ବର୍ଷକୁ ୧୫,୦୦୦ ମହଣ

ଆଳୁ ସାଇତ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ସମ୍ବଲପୁର ଠାରେ ମଧ୍ୟ ଗୋଟିଏ ନୂଆ ଶୀତଳ ଭଣ୍ଡାର ନିର୍ମିତ ହେଉଛି । ୧୯୫୮-୫୯ରେ ଏହାର ନିର୍ମାଣ ଶେଷ ହେଲେ ସେଠାରେ ୫୦୦୦ ମହଣ ଆଳୁ ସାଇତା ହୋଇ ରହିବ । ୧୯୫୮-୫୯ରେ ଏହି ଶୀତଳ ଭଣ୍ଡାରଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ।

୧୯୫୬-୫୭ ଓ ୧୯୫୭-୫୮ ମସିହାରେ ବିଭିନ୍ନ ଯୋଜନା ଅନୁସାରେ ବିଭିନ୍ନ ରକମର ବିହନ କପର ବଣ୍ଟାଯାଇଥିଲା ଓ ୧୯୫୮-୫୯ରେ କପର ବଣ୍ଟାଯିବାର ସ୍ଥିର ହୋଇଛି, ତାହାର ବିବରଣୀ ପରପୃଷ୍ଠାରେ ଦିଆଗଲା :—

## ବିହନ ବଣ୍ଟନ ( ମହଣରେ ହିସାବ )

| ଯୋଜନାର ନାମ | ୧୯୫୬-୫୭ ହୋଇଥିବା କାର୍ଯ୍ୟ | ୧୯୫୭-୫୮ ଲକ୍ଷ୍ୟ | ହୋଇଥିବା କାର୍ଯ୍ୟ (ଆନୁମାନିକ) | ୧୯୫୮-୫୯ ଲକ୍ଷ୍ୟ |
|---|---|---|---|---|
| ଉନ୍ନତ ଧାନ ବିହନର ପରିମାଣ ବୃଦ୍ଧି ଓ ବଣ୍ଟନ ... | ୩୪,୮୬୦ | ୬୦,୦୦୦ | ୩୮,୬୬୪ *୬,୦୦୦ | ୬୨,୫୦୦ |
| ଉନ୍ନତ ଗହମ ବିହନର ପରିମାଣ ବୃଦ୍ଧି ଓ ବଣ୍ଟନ ... | ୨,୨୩୫ | ୭,୦୦୦ | ୫,୧୬୦ | ୮,୦୦୦ |
| ଉନ୍ନତ ବୁଟ ବିହନର ପରିମାଣ ବୃଦ୍ଧି ଓ ବଣ୍ଟନ ... | ୬୪୦ | ୧,୦୦୦ | ୧,୨୬୧ | ୧,୫୦୦ |

* ଜାତୀୟ ସମ୍ପ୍ରସାରଣ ଓ ସମୂହ ବିକାଶ ବ୍ଲକମାନଙ୍କରେ ବିନିମୟ ଭିତ୍ତିରେ ଦିଆଯାଇଛି ।

| | | | | |
|---|---|---|---|---|
| ଉନ୍ନତ ଘଂ ଓ ବାଜସ ଜାଣ୍ଡସୁ ବହନର ପରିମାଣ ବୃଦ୍ଧି ଓ ବଣ୍ଟନ ... | ୧୦୩ | ୧,୨୦୦ | — | ୧,୫୦୦ |
| ରବ ଓ ଅନ୍ୟାନ୍ୟ ବହନ ବଣ୍ଟନ | ୩,୧୫୭ | ୭,୦୦୦<br>*୭,୦୦୦ | ୭,୭୨୦<br>୧,୪୯୨ | ୭,୦୦୦ |

( ଡାଲୁଅ ଧାନ )

| | | | | |
|---|---|---|---|---|
| ଆଳୁ ଉନ୍ନୟନ ଯୋଜନା (ଆଳୁ ବହନର ପରିମାଣ ବୃଦ୍ଧି ଓ ବଣ୍ଟନ) | — | ୪,୦୦୦ | — | ୪,୦୦୦ |
| ପରିବା ମଞ୍ଜି ବଣ୍ଟନ (ଟଙ୍କା ଆକାରରେ) | ୩୭,୦୦୦ | ୪୦,୦୦୦ | ୪୦,୦୦୦ | ୪୦,୦୦୦ |


* ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କର ଗରଜ ମେଣ୍ଟାଇବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

## ( ଖ ) ଖତ ଓ ସାର ଉତ୍ପାଦନ, ସଂଗ୍ରହ ଓ ବଣ୍ଟନ


**ହାଡ଼ଗୁଣ୍ଡ ତିଆର (ହାଡ଼ ସିଝାକଲ) :—** କୌଣସି ଅଞ୍ଚଳରେ ସଂଗୃହୀତ ହେଉଥିବା ହାଡ଼ଗୁଡ଼ିକରୁ ଗାଁଗହଳରେ ହାଡ଼ଗୁଣ୍ଡ ତିଆର କରିବା ସକାଶେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହାଡ଼ସିଝା କଲ ସ୍ଥାପିତ ହୋଇଛି । ହାଡ଼ସିଝା କଲ ବସାଇବା ଓ ଚଳାଇବା ପାଇଁ ଗ୍ରାମପଞ୍ଚାୟତମାନଙ୍କୁ ପ୍ରୟୋଜନୀୟ ସାହାଯ୍ୟ ଦିଆଯାଇ ଥିଲା । ୩ ଗୋଟି ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ସ୍ଥାପିତ ହୁଏ । ୧୯୫୬-୫୭ରେ ୫୫ ଗୋଟି ଓ ୧୯୫୭-୫୮ରେ ୧୩୦ ଗୋଟି ହାଡ଼ସିଝା କଲ ଯୋଗାଇ ଦିଆଯାଇଥିଲା । ୧୯୫୮-୫୯ରେ ୮୩ ଗୋଟି କଲ ଯୋଗାଇ ଦେବାପାଇଁ ସ୍ଥିର କରାଯାଇଛି ।

**ହାଡ଼ଗୁଣ୍ଡ ବଣ୍ଟନ :—** ବେପାରୀ ବା ଅନୁଷ୍ଠାନମାନଙ୍କ ଦ୍ୱାରା ସଂଗୃହୀତ ହେଉଥିବା ହାଡ଼ଗୁଡ଼ିକୁ ଗୁଣ୍ଡ କରିବା ପାଇଁ କୃଷି ବିଭାଗ ଅଧୀନରେ ୪ଟି କର୍ମଚାରୀ ଦଳ ଅଛନ୍ତି । ହାଡ଼ଗୁଣ୍ଡକଲରେ ତିଆର ହେଉଥିବା ହାଡ଼ଗୁଣ୍ଡ ଶସ୍ତା ଦରରେ ବିକ୍ରି କରାଯାଏ । ୧୯୫୬-୫୭ରେ ୩୬୬ ଟନ୍ ହାଡ଼ଗୁଣ୍ଡ ବଣ୍ଟାଯାଇଥିଲା । ୧୯୫୭-୫୮ରେ ୫୦୦ ଟନ୍ ବଣ୍ଟା ହୋଇଥିବାର ଅନୁମାନ । ୧୯୫୮-୫୯ ମସିହାରେ ୪୦୦୦ ଟନ୍ ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ।


**ଯବକ୍ଷାରଜାନଯୁକ୍ତ ସାର ବଣ୍ଟନ :—**୧୯୫୭-୫୮ରେ ସମବାୟ ସମିତିମାନଙ୍କ ଜରିଆରେ ସ୍ୱଳ୍ପ ମିଆଦ ଋଣ ଭିତ୍ତିରେ ବ୍ଲକ ଅଞ୍ଚଳମାନଙ୍କରେ ଯବକ୍ଷାରଜାନଯୁକ୍ତ ସାର ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଗଞ୍ଜାମ, ଫୁଲବାଣୀ ଓ ବଲାଙ୍ଗିର ଜିଲ୍ଲା-ମାନଙ୍କରେ ବ୍ଲକ ଭିନ୍ନ ଅନ୍ୟ ଅଞ୍ଚଳମାନଙ୍କରେ ସମବାୟ ସମିତି




ହାଡ଼ଗୁଣ୍ଡ ପ୍ରସ୍ତୁତକାରୀ ଯନ୍ତ୍ର । ଗତ ଦୁଇ ବର୍ଷ ଭିତରେ
୧୧୫ଟି ବୋନ୍ ଡାଇଜେଷ୍ଟର ବା ହାଡ଼ଗୁଣ୍ଡ ପ୍ରସ୍ତୁତକାରୀ
ଯନ୍ତ୍ର ପଞ୍ଚାୟତମାନଙ୍କୁ ଯୋଗାଇ ଦିଆଯାଇଛି ।
ଗତ ଦୁଇ ବର୍ଷ ଭିତରେ ୮୦୦ ଟନ୍ ହାଡ଼ଗୁଣ୍ଡ
କୃଷୀଙ୍କୁ ଯୋଗାଇ ଦିଆହୋଇଛି



କାଜୁ ବାଦାମ ମଞ୍ଜି ଓ ଗଛ କୃଷୀଙ୍କୁ ଯୋଗାଇ ଦେବାପାଇଁ
ଯୋଜନା କରାଯାଇଛି । ଏହା ଅନୁସାରେ ଗତ ଦୁଇ ବର୍ଷ ଭିତରେ
ଏକ ହଜାର ଏକର ଜମି ପାଇଁ ୫ ହଜାର ମହଣ
ବାଦାମ ମଞ୍ଜି ଯୋଗାଇ ଦିଆଯାଇଛି



ବରଗଡ଼ଠାରେ ଅବସ୍ଥିତ ରାଜ୍ୟ ଶସ୍ୟାଗାର । ଗତ ବର୍ଷ ଏହା ସ୍ଥାପିତ ହେଲା ।
କୃଷୀମାନଙ୍କ ବଳକା ଧାନ ଆଦି ଏଠାରେ ନିରାପଦରେ ରକ୍ଷାପାଉଛି



ଓଡ଼ିଶାର  ଅନ୍ୟତମ ଆଦର୍ଶ କୃଷୀ  ଶ୍ରୀ ଲଡ଼ୁଡ଼ୀ  ସନ୍ନ୍ୟାସୀଙ୍କ ସହ
ରାଷ୍ଟ୍ରପତି ଡକ୍ଟର  ରାଜେନ୍ଦ୍ର ପ୍ରସାଦ କରମର୍ଦ୍ଦନ  କରୁଛନ୍ତି

ମାନଙ୍କୁ ମଧ୍ୟ ହାଡ଼ଗୁଣ୍ଡ ବଣ୍ଟନର ଭାର ଦିଆଯାଇଥିଲା । ରାଜ୍ୟର ଅନ୍ୟ ଅଞ୍ଚଳମାନଙ୍କରେ ବଣ୍ଟନକାରୀ ଏଜେଣ୍ଟମାନଙ୍କଦ୍ୱାରା ନିଯୁକ୍ତ ହୋଇଥିବା ଡିପୁ ଓ ସବ୍‌ଡିପୁର ମାଲିକମାନେ ହାଡ଼ଗୁଣ୍ଡ ବଣ୍ଟନ କରିଥିଲେ । ୧୯୫୮ ମଇ ମାସଠାରୁ ସମୁଦାୟ ବଣ୍ଟନ କାର୍ଯ୍ୟର ଭାର ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ସମିତି ଗ୍ରହଣ କରିଛନ୍ତି । ୧୯୫୬-୫୭ରେ ୧୩,୪୦୭ ଟନ୍ ଯବକ୍ଷାରଜାନଯୁକ୍ତ ସାର ବଣ୍ଟା ଯାଇଥିଲା । ୧୯୫୭-୫୮ରେ ୧୨,୦୦୦ ଟନ୍ ବଣ୍ଟାଯାଇଥିବାର ଅନୁମାନ । ୧୯୫୮-୫୯ରେ ୩୫,୦୦୦ ଟନ୍ ବାଣ୍ଟିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ସୁପରଫସ୍‌ଫେଟ ବଣ୍ଟନ:**—ସୁପରଫସ୍‌ଫେଟ୍ ବଣ୍ଟନ କରିବାଲାଗି ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ସମିତିକୁ ୧୯୫୭-୫୮ଠାରୁ ଏକଚାଟିଆ ଅଧିକାର ଦିଆଯାଇଛି । ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି, ଶସ୍ୟଗୋଲା ଓ ବୃହଦାକାର ସମବାୟ ଋଣ ସମିତିମାନଙ୍କ ଜରିଆରେ ଏହା ବଣ୍ଟନ କରାଯାଏ । ଯେଉଁ ଅଞ୍ଚଳମାନଙ୍କରେ ସମବାୟ ସମିତି ଗଠିତ ନ ହୋଇଛି, ସେ ଅଞ୍ଚଳମାନଙ୍କରେ ସାର ବିକ୍ରି କରିବା ପାଇଁ ବେ-ସରକାରୀ ବ୍ୟବସାୟୀ ନିଯୁକ୍ତ ହୋଇଛନ୍ତି । ୧୯୫୬-୫୭ରେ ୩୨୫ ଟନ୍ ସୁପରଫସ୍‌ଫେଟ୍ ବଣ୍ଟାଯାଇଥିଲା । ୧୯୫୭-୫୮ରେ ୧୫୦୦ ଟନ୍ ବଣ୍ଟାଯାଇଥିବାର ଅନୁମାନ । ୧୯୫୮-୫୯ରେ ୧୦,୦୦୦ ଟନ୍ ବାଣ୍ଟିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ସବୁଜଖତ ବିହନ ବଣ୍ଟନ :**—୧୯୫୭-୫୮ରେ ଗ୍ରାମ-ପଞ୍ଚାୟତମାନଙ୍କ ଜରିଆରେ ସବୁ ବ୍ଲକରେ ସବୁଜ ଖତ ବିହନର ପରିମାଣ ବୃଦ୍ଧି କରିବା ପାଇଁ ଗୋଟିଏ କାର୍ଯ୍ୟକ୍ରମ ଆରମ୍ଭ

ହୋଇଛି । ଜମିରେ ଛଣପଚ ମଞ୍ଜିର ପରିମାଣ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଗଜା ଉଠାଇବା ସକାଶେ ଛଟାଙ୍କିଆ ପୁଟୁଳାରେ ଧନଚ୍ଚ ମଞ୍ଜି ବଣ୍ଟା ହୋଇଥିଲା । ଏହି ଧନଚ୍ଚ ଗଛଗୁଡ଼ିକୁ ଧାନଜମିର ଚାରିପଟେ ଲଗାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଯାଇ ତାକୁ ୧୯୫୮-୫୯ରେ ମଧ୍ୟ ଚାଲୁ କରାଯିବ । ୧୯୫୬-୫୭ରେ ୧,୪୫୩ ମହଣ ମଞ୍ଜି ବଣ୍ଟା ଯାଇଥିଲା । ୧୯୫୭-୫୮ରେ ୪,୯୨୭ ମହଣ ମଞ୍ଜି ବଣ୍ଟାଯାଇଥିବାର ଆଶା । ୧୯୫୮-୫୯ରେ ୭,୫୦୦ ମହଣ ମଞ୍ଜି ବାଣ୍ଟିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ସହର କମ୍ପୋଷ୍ଟ ଉତ୍ପାଦନ ଓ ବଣ୍ଟନ :—** ବସ୍ତିରୁ କମ୍ପୋଷ୍ଟ ଖତ ତିଆରି କରିବା ପାଇଁ ସହର ଅଞ୍ଚଳମାନଙ୍କରେ ସବୁ ଆବର୍ଜନା ଓ ବସ୍ତି ଖାତରେ ଜମାକରି ରଖିବା ପାଇଁ ସ୍ଥିର କରାଯାଇଛି । ବର୍ତ୍ତମାନ ରାଜ୍ୟର ୪୨ଟି ସହରରେ କମ୍ପୋଷ୍ଟ ଖତ ତିଆରି ହେଉଛି । ୧୯୫୮-୫୯ରେ ଆଉ ୭ଟି କେନ୍ଦ୍ରରେ କମ୍ପୋଷ୍ଟ ତିଆରି ହେବ । ୧୯୫୬-୫୭ରେ ୧୬,୧୭୨ ଟନ୍ ସହର କମ୍ପୋଷ୍ଟ ବଣ୍ଟାଯାଇଥିଲା । ୧୯୫୭-୫୮ରେ ୨୫,୦୦୦ ଟନ୍ ବଣ୍ଟାଯାଇଥିବାର ଆଶା । ୧୯୫୮-୫୯ରେ ୫୭,୦୦୦ ଟନ୍ ବଣ୍ଟାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ବୋରଝାଞ୍ଜି କମ୍ପୋଷ୍ଟ ତିଆରି ଓ ବଣ୍ଟନ :—** ରାଜ୍ୟର ସମୁଦ୍ରକୂଳିଆ ଜିଲ୍ଲାମାନଙ୍କରେ ବୋରଝାଞ୍ଜିରୁ କମ୍ପୋଷ୍ଟ ଖତ ତିଆରି କରାଯାଉଛି । ୧୯୫୬-୫୭ରେ ୫,୭୨୧ ଟନ୍ କମ୍ପୋଷ୍ଟ ବଣ୍ଟାଯାଇଥିଲା । ୧୯୫୭-୫୮ରେ ୧୮,୦୦୦ ଟନ୍ ବଣ୍ଟାଯାଇଥିବାର ଅନୁମାନ । ୧୯୫୮-୫୯ରେ ୨୨,୦୦୦ ଟନ୍ ବାଣ୍ଟିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ରକ୍ତଗୁଣ୍ଡ ତିଆରି :—** ରକ୍ତଗୁଣ୍ଡ ତିଆରି କରିବା ପାଇଁ କଂସେଇଖାନାର ଆବର୍ଜନାଗୁଡ଼ିକୁ ଜମା କରି ରଖିବା ଏ ଯୋଜନାର ଉଦ୍ଦେଶ୍ୟ । ଏ ଯୋଜନା ଅନୁସାରେ ୧୯୫୭ ଜୁଲାଇ ମାସରେ ରାଜ୍ୟର ୬ଟି କେନ୍ଦ୍ରରେ ପ୍ରକୃତରେ କାମ ଆରମ୍ଭ ହୋଇଥିଲା । ୧୯୫୮-୫୯ରେ ଏହି କାମ ଚାଲୁ ରହିବ । ୧୯୫୭-୫୮ରେ ୩୫,୦୦୦ ପାଉଣ୍ଡ ରକ୍ତଗୁଣ୍ଡ ତିଆରି ହୋଇ-ଥିବାର ଆଶା । ୧୯୫୮-୫୯ରେ ୮୨,୦୦୦ ପାଉଣ୍ଡ ରକ୍ତଗୁଣ୍ଡ ତିଆରି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ସ୍ଥାନୀୟ ଅଳିଆ ଆବର୍ଜନାରୁ ଖତ ତିଆରି :—** ସ୍ଥାନୀୟ ଅଳିଆ ଆବର୍ଜନାରୁ ଖତ ତିଆରି କରିବା ପାଇଁ ୧୯୫୭ ଅକ୍ଟୋବର ମାସଠାରୁ ଗୋଟିଏ ନୂଆ ଯୋଜନା କାର୍ଯ୍ୟକାରୀ ହେଲା । ୮୧ ଗୋଟି ବ୍ଲକରେ କାମ ଆରମ୍ଭ ହୋଇଛି । ୧୯୫୮-୫୯ରେ ଆଉ ୩୧ଟି ବ୍ଲକରେ କାମ ହେବ । ଏ ଯୋଜନା ଅନୁସାରେ ନିଯୁକ୍ତ ହୋଇଥିବା କର୍ମୀମାନେ ଯେ କେବଳ ଚାଷୀମାନଙ୍କୁ କମ୍ପୋଷ୍ଟ ତିଆରି ବିଷୟରେ ଶିକ୍ଷା ଦେବେ ତାହା ନୁହେଁ; ପ୍ରତ୍ୟେକ ଗ୍ରାମରେ ଯେପରି ବହୁଳ ସଂଖ୍ୟାରେ କମ୍ପୋଷ୍ଟ ଖାତ ଖୋଳାଯାଏ ଓ ସେ ସବୁ ଅଳିଆରେ ପୋତାଯାଏ ଓ ସବୁ ପ୍ରକାର ଅଳିଆ ଆବର୍ଜନା କମ୍ପୋଷ୍ଟ ତିଆରିରେ ଲାଗେ, ଏହାର ବ୍ୟବସ୍ଥା କରିବେ । ସବୁଜଖତ ମଞ୍ଜି ଉତାରିବା, ସବୁଜ-ଖତ ପାଇଁ ଆଇପୋମିଆ ପ୍ରଭୃତି ଗଛ ଲଗାଇବା କାର୍ଯ୍ୟକୁ ଉତ୍ସାହିତ କରାଯିବ । ଏ ସବୁଥିରୁ କମ୍ପୋଷ୍ଟ ତିଆରି ହେବ । ୧୯୫୭-୫୮ରେ ୧,୨୫,୦୦୦ ଟନ୍ କମ୍ପୋଷ୍ଟ ତିଆରି ହୋଇ-ଥିବାର ଅନୁମାନ । ୧୯୫୮-୫୯ରେ ୯,୨୫,୦୦୦ ଟନ୍ କମ୍ପୋଷ୍ଟ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## (ଗ) କୃଷି ଉପକରଣ ଓ ଜଳସେଚନ; ଯନ୍ତ୍ରପାତି ଯୋଗାଣ

**କୃଷି ଉପକରଣ ଓ ଯନ୍ତ୍ରପାତି ଭଡ଼ା :**—୧୯୫୬-୫୭ରେ ସାଧାରଣ ଓ ଯୋଜନା ଅନ୍ତର୍ଗତ ପରିକଳ୍ପନା ଅନୁସାରେ ଚାଷୀମାନଙ୍କୁ ଜଳସେଚନ ପାଇଁ ୪୦ଟି ପମ୍ପ ଯୋଗାଇ ଦିଆଯାଇ ଥିଲା । ୧୯୫୭-୫୮ରେ ମରୁଡ଼ି ସାହାଯ୍ୟ ବ୍ୟବସ୍ଥା ସ୍ୱରୂପ ଅଳ୍ପ ଭଡ଼ାରେ ୧୦୦ଟି ପମ୍ପ ଭଡ଼ା ଦେବା ପାଇଁ ଗୋଟିଏ ବିଶେଷ ଧରଣର ଯୋଜନା କାର୍ଯ୍ୟକାରୀ ହେଉଥିଲା । ଏ ଯୋଜନା ଅନୁସାରେ ୧୯୫୮-୫୯ରେ ୨୦୦ଟି ପମ୍ପ ଭଡ଼ା ଦେବାପାଇଁ ପ୍ରସ୍ତାବ କରାଯାଇଛି ।

**ନଳକୂଅ ବସାଇବା ଓ ଚଳାଇବା ପାଇଁ ଯୋଜନା:**—୧୯୫୬-୫୭ ଓ ୧୯୫୭-୫୮ରେ ଏ ଯୋଜନା ଆରମ୍ଭ ହୋଇ ନ ଥିଲା । ୧୯୫୮-୫୯ରେ କେତେକ ବିଶେଷ ବିଶେଷ ଅଞ୍ଚଳ; ଯଥା—ଆଠଗଡ଼, ତିଗିରିଆ, ବାଙ୍କି, କେନ୍ଦ୍ରାପଡ଼ା ଓ ଅନ୍ୟାନ୍ୟ ଅଞ୍ଚଳରେ ନଦୀ ଉପତ୍ୟକାମାନଙ୍କରେ ୬ଟି ନଳକୂଅ ଖୋଳିବା ଓ ଜଳସେଚନ ନିମନ୍ତେ ବହୁସଂଖ୍ୟକ ଛୋଟ ଛୋଟ ନଳକୂଅ ଖୋଳିବା ପାଇଁ ପ୍ରସ୍ତାବ କରାଯାଇଛି ।

**କୃଷି ଯନ୍ତ୍ରପାତି ଖରିଦ ପାଇଁ ଋଣଦାନ :**—୧୯୫୬-୫୭ରେ ୧୫ଟି ଟ୍ରାକ୍ଟର, ୨୫ଟି ପମ୍ପ୍ ଖରିଦ କରିବା ପାଇଁ ଚାଷୀମାନଙ୍କୁ ଟ୨,୨୮,୦୦୦୍ ଋଣ ଦିଆଯାଇଥିଲା । ୧୯୫୭-୫୮ରେ ଏ ଯୋଜନା ଅନୁସାରେ କୃଷି ଯନ୍ତ୍ରପାତି କିଣିବା ପାଇଁ ଚାଷୀମାନଙ୍କୁ ଋଣ ଦେବା ସକାଶେ ଟ ୮୦,୦୦୦୍ ବରାଦ କରାଯାଇଥିଲା ।

ଏ ଉଦ୍ଦେଶ୍ୟରେ ୧୯୫୮-୫୯ରେ ଟ୪୦,୦୦୦ର ବ୍ୟବସ୍ଥା କରାଯାଇଛି ।

## (ଘ) ସଂରକ୍ଷଣ ବ୍ୟବସ୍ଥା

**ବୃକ୍ଷ ସଂରକ୍ଷଣ ଯୋଜନା :**—ଏ ଯୋଜନା ଅନୁସାରେ ଜମିରେ ଫସଲକୁ ଆକ୍ରମଣ କରୁଥିବା କୀଟପତଙ୍ଗ ଓ ରୋଗ ନିୟନ୍ତ୍ରଣ କରିବା ପାଇଁ ଶସ୍ତା ଦରରେ କୃଷୀମାନଙ୍କୁ କୀଟନାଶକ ଔଷଧପତ୍ର ଓ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ବ୍ଲକ ଅଞ୍ଚଳମାନଙ୍କରେ ଗ୍ରାମପଞ୍ଚାୟତମାନଙ୍କ ଜରିଆରେ ନିୟମିତ ଭାବରେ କୀଟନାଶକ ଔଷଧ ଯୋଗାଇଦେବା ପାଇଁ ୧୯୫୭-୫୮ ମସିହାରୁ ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ ମସିହାରେ ୮୫,୭୫୦ ଏକର ଜମିରେ ବୃକ୍ଷ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା । ୧୯୫୭-୫୮ରେ ପ୍ରାୟ ୮୦,୦୦୦ ଏକରରେ ଏ ବ୍ୟବସ୍ଥା କରାଯାଇଥିବାର ଅନୁମାନ । ୧୯୫୮-୫୯ରେ ୧,୫୦,୦୦୦ ଏକରରେ ଏ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## (ଙ) ବିଶେଷ ଧରଣର ଫସଲ କୃଷିର ପ୍ରସାର

**ଫଳ ଉନ୍ନୟନ ଯୋଜନା :**—ବେ-ସରକାରୀ ବ୍ୟକ୍ତିବିଶେଷଙ୍କୁ ଋଣ ଦେଇ, ବାଡ଼ିବଗିଚା ଉଠାଇବା ଦିଗରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ତାଲିମ ଦେଇ ଏ ଯୋଜନା ଅନୁସାରେ ଖୋଲିଯାଇଥିବା ଫଳ କିଆରୀମାନଙ୍କରୁ ଜାତିଆ କଲମି ଗଛ ଯୋଗାଇ ଅଧିକ ଜମିରେ ଫଳଚାଷ କରିବା ଏ ଯୋଜନାର ଲକ୍ଷ୍ୟ । ୧୯୫୭-୫୮ରେ କାମ ଆରମ୍ଭ ହୋଇଥିଲା । ବଲାଙ୍ଗୀର, କୁଲପୋଷ ଓ ପାଲଲହଡ଼ାଠାରେ ୩ଟି ଫଳ କିଆରୀ କରାଯାଇଛି । ଗଞ୍ଜାମ ଜିଲ୍ଲାରେ ଆଉ ଗୋଟିଏ ଫଳ କିଆରୀ ଖୋଲିବ । ଅନୁଗୁଳ

ଓ ବଲାଙ୍ଗୀରଠାରେ ୪୫ ଜଣ ବଗିଚୁବାଲା (ମାଳୀ) ତାଲିମ ପାଉଛନ୍ତି । ୧୯୫୭-୫୮ରେ କୌଣସି ଋଣ ଦିଆଯାଇ ନ ଥିଲା । ୧୯୫୮-୫୯ରେ ଫଳ କିଆରୀଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ଓ ୫୦ ଜଣ ମାଳୀଙ୍କୁ ତାଲିମ ଦିଆଯିବ ।

**ଝୋଟ ଉନ୍ନୟନ:** —ବହୁଳ ଚାଷ ବ୍ୟବସ୍ଥାଦ୍ୱାରା ଅଧିକ ଜମିରେ ଅଧିକ ଝୋଟ ଉତ୍ପାଦନ କରିବା ଏ ଯୋଜନାର ଲକ୍ଷ୍ୟ । ଏ ଯୋଜନା ଅନୁସାରେ କେତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ କେତେ ଫଳଲାଭ ହୋଇଛି, ତାହାର ବିବରଣ ତଳେ ଦିଆଗଲା :—

( ହାସଲ ହୋଇଥିବା ଫଳ—୧୯୫୬-୫୭ )

| | | |
|---|---|---|
| ଜମି | ... | ୯୧,୦୦୦ ଏକର |
| ଉତ୍ପାଦନ | ... | ୧୮୩,୦୦୦ ଗାଣ୍ଠି |

( ହାସଲ ହୋଇଥିବା ଫଳ—୧୯୫୭-୫୮ )

| | | |
|---|---|---|
| ଜମି | ... | ୯୪,୩୯୫ ଏକର |
| ଉତ୍ପାଦନ | ... | ୨୦୭,୬୬୯ ଗାଣ୍ଠି |

( ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ—୧୯୫୮-୫୯ )

| | | |
|---|---|---|
| ଜମି | .. | ୧୨୫,୦୦୦ ଏକର |
| ଉତ୍ପାଦନ | ... | ୩୦୦,୦୦୦ ଗାଣ୍ଠି |

**ନଳିତା ପଚାଇବା ପୋଖରୀ :**—ନଳିତା ପଚାଇବାର ସୁବିଧା କରିବା ସକାଶେ ପୋଖରୀ ଖୋଳିବା ଓ ମରାମତି କରିବା ପାଇଁ ଚାଷୀମାନଙ୍କୁ ଋଣ ଦିଆଯାଏ । ୧୯୫୬-୫୭ରେ ୩୪୦ଟି ନୂଆ ପୋଖରୀ ଖୋଳାଯାଇଥିଲା ଓ ୧୭୪ଟି ପୁରୁଣା ପୋଖରୀ ମରାମତି କରାଯାଇଥିଲା । ୧୯୫୭-୫୮ରେ ୪୦୦ଟି ନୂଆ ପୋଖରୀ

ଖୋଳିବା ଓ ୨୦୦ଟି ପୁରୁଣା ପୋଖରୀ ମରାମତି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ୧୯୫୮-୫୯ଠାରୁ ଏ ଯୋଜନାଟିକୁ ବନ୍ଦ କରି ଦିଆଯାଇଛି ।

**ନଲିତା ମଞ୍ଜି ବୃଦ୍ଧି ଫାର୍ମ ସ୍ଥାପନ** :— ଝୋଟ ଉନ୍ନୟନ କାର୍ଯ୍ୟକ୍ରମ ଅନୁସାରେ ବଣ୍ଟନ କରିପିବା ସକାଶେ ଯଥେଷ୍ଟ ପରିମାଣରେ ଉନ୍ନତ ଧରଣର ନଲିତା ମଞ୍ଜି ଉତ୍ପାଦନ କରିବା ଉଦ୍ଦେଶ୍ୟରେ ଡେରାସଠାରେ ୩୦୦ ଏକରରୁ ଅଧିକ ଜମିରେ ଗୋଟିଏ ବର୍ଦ୍ଧନ ଫାର୍ମ ସ୍ଥାପିତ ହୋଇଛି । ଜମି ଉଠିଆ କରିବା କାମ ଚାଲିଛି ଓ ୧୯୫୭-୫୮ର ବର୍ଷା ଋତୁରେ ଅଳ୍ପ ଜମିରେ ନଲିତା ଚାଷ ହୋଇଥିଲା । ୧୯୫୭-୫୮ରେ ୧୪୦ ମହଣ ନଲିତା ମଞ୍ଜି ଉତ୍ପାଦିତ ହୋଇଥିଲା । ୧୯୫୮-୫୯ରେ ୪୦୦ ମହଣ ମଞ୍ଜି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**କପା ଚାଷର ପ୍ରସାର** :—୧୯୫୬-୫୭ରେ ଅଧିକା ୧,୧୫୦ ଏକର ଜମିରେ କପା ଚାଷ କରାଯାଇଥିଲା । ୧୯୫୭-୫୮ରେ ଚାଷୀମାନଙ୍କୁ ୭୬ ମହଣ ଉନ୍ନତ ଧରଣର କପା ମଞ୍ଜି ଯୋଗାଇ ଦିଆଯାଇଥିଲା । ୪୫୫ ଏକର ଜମିରେ ମଞ୍ଜି ବୁଣାଯାଇଥିଲା । ୧୯୫୭ ଡିସେମ୍ବର ପର୍ଯ୍ୟନ୍ତ ସାହାଯ୍ୟସୂତ୍ରରେ ୮୦ଟି ସ୍ଥାନରେ କପାଚାଷ ସମ୍ପର୍କରେ ପରୀକ୍ଷା କରାଯାଇଥିଲା । ୧୯୫୭-୫୮ର କୃଷି-ବର୍ଷରେ ପାଗ ଖରାପ ହେବାରୁ ଓ ଜଳସେଚିତ ଜମିରେ କପା ଚାଷ କରିବା ପାଇଁ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ନ ପାଇବାରୁ ଅଧିକ ଜମିରେ କପା ଚାଷ କରିବା ସୁବିଧାଜନକ ହେଲା ନାହିଁ । ଏହା ହେବା ଦ୍ୱାରା ପ୍ରଥମେ ୫୦୦୦ ଏକର ଜମିରେ କପା ଚାଷ କରିବା ପାଇଁ ଯେଉଁ ଅଟକଳ କରାଯାଇଥିଲା, ତାହା

ହୋଇ ପାରିଲା ନାହିଁ ଓ ମୋଟେ ୪୫୫ ଏକରରେ କପା ଚାଷ ହୋଇଥିଲା । ୧୯୫୮-୫୯ରେ ୧୫,୦୦୦ ଏକର ଜଳସେଚିତ ଜମିରେ ଓ ୨୪,୦୦୦ ଏକର ଶୁଷ୍କ ଜମିରେ କପା ଚାଷ କରିବା ଓ ୧୦,୦୫୦ ବେଲ୍ ବା ଗାଣ୍ଠି ଅଧିକା କପା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ଆଖୁ ଚାଷର ଉନ୍ନୟନ :—** ସମଗ୍ର ରାଜ୍ୟରେ ଅଧିକ ଜମିରେ ଆଖୁଚାଷ କରିବା ଛଡ଼ା ରାଜ୍ୟର ୬ଟି କେନ୍ଦ୍ର; ଯଥା— ବାଙ୍କି, ନୟାଗଡ଼, ଆସିକା, ଅଠାବିରା, ରାୟଗଡ଼ା ଓ କେସିଙ୍ଗାରେ ବହୁଳ ଆଖୁଚାଷ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ୧୯୫୬-୫୭ରେ ଅଧିକା ୧୧,୦୦୦ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା । ୧୯୫୭-୫୮ରେ ୧୯୫୮ ଫେବୃଆରୀ ମାସ ଶେଷ ସୁଦ୍ଧା ଚାଷୀ-ମାନଙ୍କୁ ଶସ୍ତା ଦରରେ ୬,୯୦୦ ମହଣ ରୋଗ-ପ୍ରତିରୋଧକ ଆଖୁ ବିହନ ଯୋଗାଇ ଦିଆଯାଇଥିଲା । ଆହୁରି ମଧ୍ୟ ବିଭିନ୍ନ ପ୍ରଣାଳୀରେ ଓ ବିଭିନ୍ନ ପ୍ରକାର ସାର ଦେଇ ଆଖୁଚାଷ ବିଷୟରେ ପରୀକ୍ଷା ଚଳାଇବା ପାଇଁ ୬୦ ଖଣ୍ଡ ଜମି ଠିକ୍ କରାଯାଇଥିଲା । ୧୯୫୮-୫୯ରେ ୪,୦୨,୦୦୦ ଟନ୍ ଆଖୁ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ହଳଦି ଚାଷର ଉନ୍ନୟନ :—** ୧୯୫୭-୫୮ଠାରୁ ଏ ଯୋଜନା କାର୍ଯ୍ୟକାରୀ ହେଉଛି । ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁସାରେ ବିହନ ସଂଗ୍ରହ କାର୍ଯ୍ୟ ଚାଲିଛି । ୧୯୫୭-୫୮ରେ ୧୦୦ ଏକର ଓ ୧୯୫୮-୫୯ରେ ୨୦୦ ଏକର ଜମିରେ ହଳଦି ଚାଷ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ।

**ତୈଳବୀଜର ପରିମାଣ ବୃଦ୍ଧି ଓ ବଣ୍ଟନ:**—"ତୈଳବୀଜ ସଂପ୍ରସାରଣ କାର୍ଯ୍ୟକ୍ରମ" ପାଇଁ ଭାରତୀୟ କେନ୍ଦ୍ର ତୈଳବୀଜ କମିଟି ଅର୍ଥ ସାହାଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଚାଲୁ କରିବା ପାଇଁ ଉନ୍ନତଧରଣର ତୈଳବୀଜ ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ । ଏ ଯୋଜନାଟି ପ୍ରକୃତରେ ୧୯୫୭-୫୮ର ଶେଷଭାଗ ଆଡ଼କୁ କାର୍ଯ୍ୟକାରୀ ହୋଇଥିଲା ଓ ୧୭୨ ମହଣ ତୈଳବୀଜ ବଣ୍ଟନ କରାଯାଇଥିଲା । ୧୯୫୮-୫୯ରେ ୮୦୦୦ ମହଣ ତୈଳବୀଜ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ନଡ଼ିଆ ଉନ୍ନୟନ ଯୋଜନା :**—ସାଧାରଣ ଯୋଜନା ଅନୁସାରେ ସ୍ଥାପିତ ହୋଇଥିବା ନଡ଼ିଆ ଗଛ ଉଠାଇବା ବଗିଚା-ମାନଙ୍କରେ ବର୍ଷକୁ ୧୫,୦୦୦ ନଡ଼ିଆ ଗଛ ଉଠା ଯାଉଛି । ଏହାଛଡ଼ା ବର୍ଷକୁ ଆଉ ୮,୦୦୦ ନଡ଼ିଆ ଗଛ ଉଠାଇବା ପାଇଁ ୨ଟି ବଗିଚା ଖୋଲିବା ନିମନ୍ତେ ସ୍ଥିର କରାଯାଇଛି । ୧୯୫୬-୫୭ରେ ବଗିଚା ଖୋଲିବା ସମ୍ପର୍କରେ କେବଳ ପ୍ରାରମ୍ଭିକ କାର୍ଯ୍ୟ ହୋଇଥିଲା । ୧୯୫୭-୫୮ରେ ବଗିଚାମାନଙ୍କରେ ମଞ୍ଜି-ନଡ଼ିଆ ପୋତା ହୋଇଥିଲା । ଏଥିରୁ ଯେଉଁ ଗଛ ବାହାରିବ, ସେଗୁଡ଼ିକ ୧୯୫୮-୫୯ରେ ବିକ୍ରି କରାଯିବ । ଏହି ଦୁଇଟି ବଗିଚାରୁ ୨୩,୦୦୦ ନଡ଼ିଆ ଗଛ ଉଠାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

**ଗୁଆ ଉନ୍ନୟନ :**—୧୯୫୭-୫୮ଠାରୁ ବାର୍ଷିକ ୫୦,୦୦୦ ଗୁଆ ଚାରା ଯୋଗାଇବା ନିମନ୍ତେ ୩ଟି ଗଛ ବଗିଚା ଖୋଲିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ସୁବିଧାରେ ମଞ୍ଜି ନ ମିଳିବାରୁ ଯଥା ସମୟରେ କାମ ଆରମ୍ଭ ହୋଇ ପାରିଲା ନାହିଁ । ୧୯୫୬-୫୭ରେ ବଗିଚାମାନଙ୍କରେ ୧୯,୧୨୫ ମଞ୍ଜି ପୋତା

ହୋଇଥିଲା ଓ ସେଥିମଧ୍ୟରୁ ୯୪୨୩ଟିରୁ ଗଜା ବାହାରିଥିଲା । ୨ଟି ତାଡ଼ ଉତାରିବା ବଗିଚ୍ଛ ଖୋଲାଯାଇ ସାରିଲାଣି ଓ ଆଉ ଗୋଟିଏ ଅଳ୍ପ ଦିନ ଭିତରେ ଖୋଲାଯିବ । ଭାରତୀୟ କେନ୍ଦ୍ରୀୟ ଗୁଆ କମିଟୀର ସେକ୍ରେଟେରୀଙ୍କ ସାହାଯ୍ୟରେ ୨ ଲକ୍ଷ ଗୁଆ ମଞ୍ଜିର ବ୍ୟବସ୍ଥା କରାଯାଇଛି ଓ ଗଛ ଲଗାଇବା କାମ ଚାଲିଛି । ୧୯୫୮-୫୯ରେ ତାଡ଼ ବଗିଚ୍ଛଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ଓ ଚାଷୀମାନଙ୍କୁ ୫୦,୦୦୦ ଗଜା ଯୋଗାଇ ଦିଆଯିବ ।

**ଲଙ୍କାଆମ୍ବ ଚାଷର ଉନ୍ନୟନ :**—ଦ୍ୱିତୀୟ ଯୋଜନାର ଶେଷ ସୁଦ୍ଧା ୧୦,୦୦୦ ଏକର ଜମିରେ ଲଙ୍କାଆମ୍ବ ଚାଷ କରିବା ନିମନ୍ତେ ୩ଟି ଚାରା ବଗିଚ୍ଛ ଖୋଲିବା ପାଇଁ ମୂଳ ଯୋଜନାରେ ମନସ୍ଥ କରାଯାଇଥିଲା । କେବଳ ଚାଷୀମାନଙ୍କୁ ବଛା ବଛା ମଞ୍ଜି ଯୋଗାଇ ଦେବା ଉଦ୍ଦେଶ୍ୟରେ ସଂଗ୍ରହ କରିବା ପାଇଁ ପରେ ସ୍ଥିର କରାଗଲା । ୧୯୫୭-୫୮ରେ ୫,୦୦୦ ପାଉଣ୍ଡ ମଞ୍ଜି ସଂଗୃହୀତ ହୋଇଥିଲା ଓ ୧,୦୦୦ ଏକର ଜମିରେ ଲଗାଇବା ପାଇଁ ତାହା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ୧୯୫୮-୫୯ରେ ୨,୦୦୦ ଏକରରେ ମଞ୍ଜି ଲଗାଇବା ପାଇଁ ସ୍ଥିର ହୋଇଛି ।

## (ଚ) କୃଷି-ସମ୍ବାଦ ପରିବେଷଣ

**କୃଷି-ସମ୍ବାଦ ପରିବେଷଣ ଯୋଜନା :**—କୃଷି ସମ୍ପର୍କରେ ଗବେଷଣା କରାଯାଇ ଯେଉଁ ଫଳ ହାସଲ କରାଯାଉଛି, ଚାଷୀକୁ ସେ ବିଷୟ ଜଣାଇଲେ ସେ ନିଜ ଜମିରେ ତାହା ପ୍ରୟୋଗ କରିପାରିବ । ଏ ବିଷୟ ତାକୁ ଅତି ସରଳ ଭାଷାରେ ବୁଝାଇଦେବା ଉଦ୍ଦେଶ୍ୟରେ ବ୍ୟବସ୍ଥା କରିବା ପାଇଁ ଏ ଯୋଜନା କରାଯାଇଛି । ଏଥିପାଇଁ ଅନେକଗୁଡ଼ିଏ ପ୍ରଚାରପତ୍ର, ପ୍ରାଚୀରପତ୍ର ପ୍ରଭୃତି ଛପା

ହୋଇ ସଂପ୍ରସାରଣ କର୍ମୀମାନଙ୍କ ଜରିଆରେ ଚାଷୀମାନଙ୍କ ଭିତରେ ବଣ୍ଟନ କରାଯାଇଥିଲା । ୧୯୫୮-୫୯ରେ ଏ ଯୋଜନା ଚାଲୁ ରହିବ ।

## (ଛ) କୃଷି ସଂପର୍କରେ ପ୍ରଦର୍ଶନ

**ବିହନ, ଖତ ଓ ଚାଷ ସଂପର୍କରେ ପ୍ରଦର୍ଶନ :—** ଉନ୍ନତଧରଣର ବିହନ ଓ ସାରର ବ୍ୟବହାରକୁ ଲୋକପ୍ରିୟ କରିବା ଓ ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳମାନଙ୍କରେ ନୂଆ ନୂଆ ଫସଲ ଚାଷ କରିବା ଉଦ୍ଦେଶ୍ୟରେ ସଂପ୍ରସାରଣ କର୍ମଚାରୀମାନେ ଚାଷୀର ଜମିରେ ବିନା ଖର୍ଚ୍ଚରେ ଚାଷପ୍ରଣାଳୀ ଶିଖାଇ ଦେଉଛନ୍ତି । ୧୯୫୬-୫୭ରେ ପଞ୍ଚବାର୍ଷିକ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟରୂପେ ଏ କାର୍ଯ୍ୟ ହୋଇଥିଲା ଓ ପରେ ସାଧାରଣ ବଜେଟର ଖର୍ଚ୍ଚରେ ଏ କାର୍ଯ୍ୟକରାଯାଉଛି ।

**ନମୁନା ସ୍ୱରୂପ ସାରକୁ ପରୀକ୍ଷା କରିବା ପାଇଁ ସମନ୍ୱିତ ଯୋଜନା :—** ରାଜ୍ୟର ୯ଟି ଜିଲ୍ଲାରେ ଏ ଯୋଜନା କାର୍ଯ୍ୟକାରୀ ହେଉଛି । ବିଭିନ୍ନ ଅଞ୍ଚଳରେ ଫସଲରେ କେତେ ପରିମାଣ ଖତ ଆବଶ୍ୟକ ହେଉଛି, ତାହା ନିରୂପଣ କରିବା ଉଦ୍ଦେଶ୍ୟରେ ଚାଷୀମାନଙ୍କ ଜମିରେ ବିଭିନ୍ନ ଫସଲ ଉପରେ ସାର ପରୀକ୍ଷା କରାଯାଉଛି । ଭାରତୀୟ କୃଷି ଗବେଷଣା ପରିଷଦ ଏ ଯୋଜନାର ଖର୍ଚ୍ଚ ପୂରାପୂରି ବହନ କରୁଛନ୍ତି ଓ ଏହା ୧୯୫୮-୫୯ରେ ଚାଲୁ ରହିବ ।

## (ଜ) ଅନ୍ୟାନ୍ୟ ଯୋଜନା

**ଅଧସ୍ତନ ଓ ସଂପ୍ରସାରଣ କର୍ମଚାରୀ :—** କୃଷି ବିଭାଗରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପାଇଁ ଏ ଯୋଜନା

କରାଯାଇଛି । ଜଳସେଚିତ ଜମିରେ କାମ କରିବା ସକାଶେ ବିଶେଷ ଧରଣର କର୍ମଚାରୀ ନିଯୁକ୍ତ କରିବା ପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି । ଏହା ୧୯୫୮-୫୯ରେ ଚାଲୁ ରହିବ ।

**କର୍ମଚାରୀମାନଙ୍କ ପାଇଁ ଘର ଓ ଅଫିସ ଘର ତିଆରି :**—ଜିଲ୍ଲା ଓ ରେଞ୍ଜ୍ କର୍ମଚାରୀମାନଙ୍କ ଅଫିସ ଓ ରହିବା ସକାଶେ ଘର ତିଆରି କରିବା ପାଇଁ ଏ କାର୍ଯ୍ୟକ୍ରମ କରାଯାଇଛି । ୧୯୫୭-୫୮ ପର୍ଯ୍ୟନ୍ତ ଏହା ଅନୁସାରେ ୪ଟି ଅଫିସ ଘର ଓ କର୍ମଚାରୀମାନଙ୍କ 'ରହିବା ପାଇଁ ୯ଟି ଘର ତିଆରି ହୋଇଛି । ୧୯୫୮-୫୯ରେ ଏ କାର୍ଯ୍ୟକ୍ରମ ଚାଲୁ ରହିବ ।

**ତାଲିମ ଓ ଆଞ୍ଚଳିକ ସେବା କେନ୍ଦ୍ର ସ୍ଥାପନ :**—ବଜେଟର ସାଧାରଣ ଖର୍ଚ୍ଚରେ ସମ୍ବଲପୁର ଓ କଟକଠାରେ ଦୁଇଟି ସେବା କେନ୍ଦ୍ରର ରକ୍ଷଣାବେକ୍ଷଣ କରାଯାଉଛି । ଏହାଛଡ଼ା ୧୯୫୮-୫୯ରେ ବ୍ରହ୍ମପୁରଠାରେ ଗୋଟିଏ ସେବା କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି ।

**ବାହନ ଓ ଖତ ଚାଲାଣ ପାଇଁ ଟ୍ରକ୍ ରଖିବା ବ୍ୟବସ୍ଥା :**—୧୯୫୭-୫୮ଠାରୁ ଏ ବିଷୟଟିକୁ ଯୋଜନାରୁ କାଟି ଦିଆଯାଇଛି । କୃଷି ବିଭାଗର ବାହନ ଓ ଖତ ସୁବିଧାରେ ନିଆଅଣା କରିବା ପାଇଁ ପ୍ରତି ଜିଲ୍ଲାରେ ଟ୍ରକ୍ ରଖାଯାଇଛି ।

**କୃଷି-ତଥ୍ୟର ଉନ୍ନତ ପରିବେଷଣ ନିମନ୍ତେ ପରିସଂଖ୍ୟାନ ଅନୁଷ୍ଠାନରେ ଅଧିକ କର୍ମଚାରୀ ନିଯୁକ୍ତି :**— ଯଥା ସମୟରେ କୃଷି ସଂପର୍କୀୟ ତଥ୍ୟ ସଂଗ୍ରହ ଓ ସଙ୍କଳନ କରିବା ନିମନ୍ତେ ସଦର ମହକୁମା ଓ ଜିଲ୍ଲାମାନଙ୍କରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପାଇଁ ମନସ୍ଥ କରାଯାଇଛି ।

୧୯୫୬-୫୭ ମସିହାରେ ଏ ଯୋଜନାଟି ମାତ୍ର ୬ ମାସ ପାଇଁ କାର୍ଯ୍ୟକାରୀ ହୋଇଥିଲା ଓ ତାହା ପରେ ତାକୁ ବନ୍ଦ କରି ଦିଆଯାଇଥିଲା । ୧୯୫୮-୫୯ରେ ଏ ଯୋଜନାକୁ ପୁଣି ଚାଲୁ କରିବା ପାଇଁ ବିଚାର କରାଯାଉଛି ।

## (୨) କ୍ଷୁଦ୍ର ଜଳସେଚନ

ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ଯେଉଁସବୁ କ୍ଷୁଦ୍ର ଜଳସେଚନ ଯୋଜନାର କାର୍ଯ୍ୟ ଶେଷ ହୋଇପାରି ନ ଥିଲା, ସେ ସବୁ ଶେଷ କରିବା ପାଇଁ ଦ୍ୱିତୀୟ ଯୋଜନାରେ ବ୍ୟବସ୍ଥା କରା-ଯାଇଥିବା ୬୧·୨୫ ଲକ୍ଷ ଟଙ୍କା ଠିକ୍ ପର୍ଯ୍ୟାପ୍ତ ଥିଲା । ତେଣୁ ନୂଆ ନୂଆ ଜଳସେଚନ ଯୋଜନାର କାମ ଆରମ୍ଭ କରିବା ପାଇଁ ମଧ୍ୟମ ଜଳସେଚନ ଯୋଜନା ବାବଦରୁ ୬୦ ଲକ୍ଷ ଟଙ୍କା ଅଣା-ଯାଇଥିଲା । ୧୯୫୬-୫୭ରେ ଏ କାର୍ଯ୍ୟକ୍ରମ ଅନୁସାରେ ମୋଟରେ ୧୫·୪୮ ଲକ୍ଷ (ନଳକୂପ ଜଳସେଚନ ପାଇଁ ୦·୪୭ ଲକ୍ଷକୁ ମିଶାଇ) ଟଙ୍କା ଖର୍ଚ୍ଚ ହୋଇଥିଲା । ୧୯୫୭-୫୮ରେ ନଳକୂପ ବାବଦରେ ୦·୬୫ ଲକ୍ଷକୁ ମିଶାଇ ୨୫·୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆଶା କରାଯାଏ । ଚଳିତ ବର୍ଷର କାର୍ଯ୍ୟକ୍ରମରେ ୪୧·୯୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଏଥିମଧ୍ୟରୁ ୩୯·୨୪ ଲକ୍ଷ ଟଙ୍କା କ୍ଷୁଦ୍ର ଜଳସେଚନ ଓ ୨·୬୬ ଲକ୍ଷ ଟଙ୍କା ନଳକୂପ ପାଇଁ ଖର୍ଚ୍ଚ ହେବ ।

୧୯୫୬-୫୭ରେ ୨୬,୮୨୦ ଏକର ଜମିରେ ଜଳସେଚନ କରିବା ସମ୍ଭବ ହୋଇଥିଲା ଓ ୧୯୫୭-୫୮ରେ ୨୧,୦୦୦ ଏକରରେ ଜଳସେଚନ ହୋଇଥିବାର ଅନୁମାନ । ୧୯୫୮-୫୯ ମସିହାରେ କ୍ଷୁଦ୍ର ଜଳସେଚନ ଯୋଜନାଯୋଗେ ୧୯,୦୨୦ ଏକରରେ ଜଳସେଚନ ହେବାର ଆଶା ।

**ନଳକୂପ ଦ୍ୱାରା ଜଳସେଚନ:**—ସାଧାରଣ ଯୋଜନା ଅନୁସାରେ ଯେଉଁସବୁ ନଳକୂପ ବସାଯିବ, ତାହା ବାଦ୍ ପଞ୍ଚବାର୍ଷିକ ଯୋଜନାକାଳରେ ୧୮ଟି ନଳକୂପ ବସାଇବା ପାଇଁ ମନସ୍ଥ କରାଯାଇଛି । ସାଧାରଣ ଯୋଜନା ଅନୁସାରେ ୧୯୫୬-୫୭ରେ ୭ଟି ଓ ୧୯୫୭-୫୮ରେ ୪ଟି ନଳକୂପ ବସାଯାଇଛି । ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ୧୯୫୮-୫୯ରେ ୭ଟି ନଳକୂପ ବସାଇବା ପାଇଁ ପ୍ରସ୍ତାବ ରହିଛି ।

## (୩) ଭୂମି ଉନ୍ନୟନ

**ଅନାବାଦୀ ଜମି ଆବାଦ ଓ ଟ୍ରାକ୍ଟରଭଡ଼ା:**—ବାରମ୍ବାର ଚିଲିକା ହ୍ରଦର ପାଣି ମାଡ଼ିଯିବା ଫଳରେ ବିସ୍ତୀର୍ଣ୍ଣ କୃଷଯୋଗ୍ୟ ଜମି ପାଣିରେ ବୁଡ଼ି ରହୁଛି । ବନ୍ଧ ଓ ଫୁକାର ପ୍ରଭୃତି ତିଆରି କରି ୨୦୦୦ ଏକର ଜମି ଉଦ୍ଧାର କରିବା ପାଇଁ ପ୍ରସ୍ତାବ କରାଯାଇଛି । ଉଦ୍ଧାର ହେବା ଜମି କୃଷୀମାନଙ୍କୁ ପଟ୍ଟା ଦିଆଯିବ । ଖର୍ଚ୍ଚର ୭୫% କୃଷୀମାନଙ୍କଠାରୁ ଆଦାୟ କରାଯିବ ଓ ଅବଶିଷ୍ଟ ୨୫% ସବ୍‌ସିଡ଼ି ଦିଆଯିବ । ଦ୍ୱିତୀୟ ଯୋଜନାକାଳରେ ଏ ବାବଦରେ ନିଟ୍ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ୧୯୫୬-୫୭ରେ ସର୍ଭେ କାମ ଆରମ୍ଭ ହୋଇଥିଲା । ୧୯୫୭-୫୮ରେ ପ୍ରାଥମିକ ସର୍ଭେ ଓ ଆଂଶିକ ଭାବରେ ବିସ୍ତୃତ ସର୍ଭେ କରାଯାଇଥିଲା ଏବଂ ୧୯୫୮ ଜାନୁଆରୀ ମାସଠାରୁ ଅନାବାଦୀ ଜମି ଆବାଦ କାମ ଆରମ୍ଭ ହୋଇଥିଲା । ୧୯୫୭-୫୮ରେ ମୋଟରେ ୩୩୮ ଏକର ଅନାବାଦୀ ଜମି ଆବାଦ ହୋଇଥିବାର ଆଶା । ୧୯୫୮-୫୯ ରେ ଜମି ଆବାଦ କାର୍ଯ୍ୟ ଚାଲୁ ରହିବ । ଦୁଇ ମାଇଲ ବନ୍ଧ ପକାଯିବ, ଫୁକାର ମଧ୍ୟ ତିଆରି

କରାଯିବ ଓ ପମ୍ପ ଯୋଗାଇ ଦିଆଯିବ । ପ୍ରାୟ ୫୦୦ ଏକର ଅନାବାଦୀ ଜମି ଆବାଦ କରାଯିବ ।

## (୪) ପଶୁପାଳନ

**ପଶୁ ଚିକିତ୍ସା କଲେଜ ସ୍ଥାପନ:**—୧୯୫୫ ଅଗଷ୍ଟ ୧୭ ତାରିଖଠାରୁ ଗୋଟିଏ ଅସ୍ଥାୟୀ ଘରେ ପଶୁ ଚିକିତ୍ସା କଲେଜ ଖୋଲାଯାଇଥିଲା । ପ୍ରତି ବର୍ଷ ୮୦ ଜଣ ଛାତ୍ର ଗ୍ରହଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ( ଏଥିମଧ୍ୟରୁ ଓଡ଼ିଶାରୁ ୬୦ ଓ ବାହାରୁ ୨୦) ପ୍ରକୃତରେ ନିମ୍ନଲିଖିତ ସଂଖ୍ୟାରେ ଛାତ୍ର ନାମ ଲେଖାଇଥିଲେ :—

| : | ଓଡ଼ିଶା | ଅନ୍ୟାନ୍ୟ ରାଜ୍ୟ | ମୋଟ |
|---|---|---|---|
| ୧୯୫୫-୫୬ | ୩୬ | ୩ | ୩୯ |
| ୧୯୫୬-୫୭ | ୨୯ | ୧୫ | ୪୪ |
| ୧୯୫୭-୫୮ | ୨୦ | ୨୦ | ୪୦ |


କଲେଜ ପାଇଁ ସ୍ଥାୟୀ ଘର ଭୁବନେଶ୍ୱରଠାରେ ତିଆରି ହେଉଛି;୧୯୫୮-୫୯ରେ ଘର ତିଆରି କାମ ଶେଷ ହେବାର ଆଶା ।

**ଷ୍ଟକ୍‌ମ୍ୟାନ ତାଲିମ :**— ବହୁସଂଖ୍ୟକ ଷ୍ଟକ୍‌ମ୍ୟାନ ଦରକାର ହେଉଥିବାରୁ ଯୋଜନା ଅନୁସାରେ ଅନୁଗୁଳଠାରେ ଗୋଟିଏ ଷ୍ଟକ୍‌ମ୍ୟାନ ତାଲିମ କେନ୍ଦ୍ର ଖୋଲାଯାଇଥିଲା । ଏହାବାଦ୍ ଏରଡ଼ଙ୍ଗାଠାରେ ଗୋଟିଏ କେନ୍ଦ୍ର ଅଛି । ୧୯୫୬-୫୭ରେ ୧୨୫ ଜଣ ପ୍ରାର୍ଥୀ ଶିକ୍ଷା ପାଇଥିଲେ । ଅନୁଗୁଳଠାରେ ଖୋଲାଯାଇଥିବା ତାଲିମ କେନ୍ଦ୍ର ବନ୍ଦ କରି ଦିଆଯାଇଛି ଓ ପ୍ରାର୍ଥୀମାନଙ୍କୁ ସାଧାରଣ ଯୋଜନା ଅନୁଯାୟୀ ଷ୍ଟକ୍‌ମ୍ୟାନରୂପେ ତାଲିମ କରାଯାଉଛି ।


**ଶିକ୍ଷାଦାତା ତାଲିମ :—** ପଶୁ-ଚିକିତ୍ସା କଲେଜରେ ଶିକ୍ଷାଦାତା ବା ଇନ୍‌ଷ୍ଟ୍ରକ୍ଟରରୂପେ ନିଯୁକ୍ତ ହେବାପାଇଁ ଭେଟେରିନାରି ଆସିଷ୍ଟାଣ୍ଟ୍ ସର୍ଜନମାନଙ୍କୁ ବିଭିନ୍ନ ବିଷୟରେ ତାଲିମ କରାଯାଉଛି । ଭାରତୀୟ ପଶୁ-ଚିକିତ୍ସା ଗବେଷଣା ଅନୁଷ୍ଠାନରେ ସେମାନଙ୍କୁ ୬ ମାସ ତାଲିମ ଦିଆଯାଉଛି । ଯୋଜନାକାଳରେ ମୋଟରେ ୧୬ ଜଣ ଭେଟେରିନାରି ଆସିଷ୍ଟାଣ୍ଟ୍ ସର୍ଜନ ତାଲିମ ହେବେ । ୧୯୫୬-୫୭ରେ ଅନ୍ୟାନ୍ୟ ବିଷୟରେ ସ୍ଥାନ ନ ଥିବାରୁ ଜଣେ ଭେଟେରିନାରି ଆସିଷ୍ଟାଣ୍ଟ୍ ସର୍ଜନ ତାଲିମ ପାଇଁ ପଠାଯାଇଥିଲେ । ୧୯୫୭-୫୮ରେ ୨ ଜଣ ପଠାଯାଇଥିଲେ ଓ ବାକି ୧୩ ଜଣ ୧୯୫୮-୫୯ରେ ପଠାଯିବେ ।

**ଗୋଜାତିର ଉନ୍ନତି ପାଇଁ ଆଦର୍ଶ ଗ୍ରାମ-କେନ୍ଦ୍ର :—** ଯୋଜନାକାଳ ଭିତରେ ୫ଟି ଆଦର୍ଶ ଗ୍ରାମକେନ୍ଦ୍ର ଖୋଲି-ସେ ଗୁଡ଼ିକ ଅଧୀନରେ ୬ଟି ଆଦର୍ଶ ଗ୍ରାମ ରଖିବା ପାଇଁ ମନସ୍ଥ କରାଯାଇଛି । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗୋଜାତିର ସର୍ବାଙ୍ଗୀନ ଉନ୍ନତି ଯୋଜନାର ଲକ୍ଷ୍ୟ ଅଟେ । ୧୯୫୬-୫୭ରେ କଟକ ଜିଲ୍ଲାର କୁଜଙ୍ଗ ଓ ବାଲେଶ୍ୱର ଜିଲ୍ଲାର ଭିତ୍ରିଭିଡ଼ାଠାରେ ୨ ଗୋଟି କେନ୍ଦ୍ର ଖୋଲାଯାଇଛି ଓ ୧୯୫୭-୫୮ରେ ସମ୍ବଲପୁର ଜିଲ୍ଲାର ବରପାଲ୍ଲିଠାରେ ଗୋଟିଏ କେନ୍ଦ୍ର ଖୋଲାଯାଇଛି । ୧୯୫୮-୫୯ରେ ଏ କେନ୍ଦ୍ରଗୁଡ଼ିକୁ ଚାଲୁ ରଖାଯିବ ।

**ସହର ଅଞ୍ଚଳମାନଙ୍କରେ କୃତ୍ରିମ ପ୍ରଜନନ କେନ୍ଦ୍ର :—** ଏହା ମଧ୍ୟ ଆଦର୍ଶ ଗ୍ରାମ ଯୋଜନାର ଗୋଟିଏ ଅଂଶ । ଆଦର୍ଶ ଗ୍ରାମ-କେନ୍ଦ୍ରଗୁଡ଼ିକ ସାଧାରଣତଃ ଗ୍ରାମାଞ୍ଚଳମାନଙ୍କରେ ଖୋଲା ଯାଇଥାଏ । କିନ୍ତୁ ଏ ଯୋଜନାଟି ସହର



ବ୍ଲକ ଅଞ୍ଚଳରେ ଗୋଟିଏ ପଶୁପାଳନ କେନ୍ଦ୍ର



ଭୁବନେଶ୍ୱରଠାରେ ଅବସ୍ଥିତ ପଶୁଚିକିତ୍ସା କଲେଜ; ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି



ଶକ୍ତିଚାଳିତ ନୌକାଦ୍ୱାରା ଉପକୂଳରେ ମାଛ ମରା ହେବାର ଏକ ଦୃଶ୍ୟ । ଉପକୂଳ ଅଞ୍ଚଳରେ ଶକ୍ତିଚାଳିତ
ନୌକାଦ୍ୱାରା ମାଛ ଧରିବାପାଇଁ ଯେଉଁ ପରୀକ୍ଷା ଗତ ବର୍ଷ ଆରମ୍ଭ ହୋଇଥିଲା, ତାହା ଉତ୍ସାହଜନକ



ବ୍ଲକ ଅଞ୍ଚଳରେ ଗୋଟିଏ ଗାଁର ପୁରୁଣା ପୋଖରୀରୁ ଗ୍ରାମବାସୀମାନେ ନିଜ ଉଦ୍ୟମରେ ପଙ୍କୋଦ୍ଧାର କରୁଛନ୍ତି । ଲୋକଙ୍କ ସ୍ୱେଚ୍ଛାକୃତ ସହଯୋଗର ଏହା ଏକ ନମୁନା

ଅଞ୍ଚଳପାଇଁ ଅଭିପ୍ରେତ । ଏ ଯୋଜନା ଅନୁସାରେ ୧୯୫୬-୫୭ରେ କଟକ ସହରରେ ଗୋଟିଏ ପ୍ରଧାନ କେନ୍ଦ୍ର, ୨ଟି ଶାଖା କେନ୍ଦ୍ର ଖୋଲାଯାଇଥିଲା । ପଞ୍ଚବାର୍ଷିକ ଯୋଜନାର ଅବଶିଷ୍ଟ ସମୟରେ ସେ ଗୁଡ଼ିକ ଚାଲୁ ରହିବ; ନୂଆ କେନ୍ଦ୍ର ଖୋଲାଯିବ ନାହିଁ ।

**କୃତ୍ରିମ ପ୍ରଜନନ ଯୋଜନାର ପ୍ରସାର:**—ପ୍ରଚଳିତ କୃତ୍ରିମ ପ୍ରଜନନ କାର୍ଯ୍ୟକଳାପର ପ୍ରସାର ଉଦ୍ଦେଶ୍ୟରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ୨ଟି ପ୍ରଧାନ ଓ ୫୫ଟି ଶାଖା କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ କରାଯାଇଛି । ଏଥିଭିତରୁ ୨ଟି ପ୍ରଧାନ ଓ ୧୦ଟି ଶାଖା କେନ୍ଦ୍ର ୧୯୫୬-୫୭ରେ ଓ ୧୫ଟି ଶାଖା କେନ୍ଦ୍ର ୧୯୫୭-୫୮ରେ ଖୋଲାଯାଇଛି । ୧୯୫୮-୫୯ରେ ଏ କେନ୍ଦ୍ର ଗୁଡ଼ିକ ଚାଲୁ ରହିବ ।

**ଗୋଶାଳା ଉନ୍ନୟନ:**—ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା-କାଳରେ ଆର୍ଥିକ ସାହାଯ୍ୟ ଦେଇ ୫ଟି ଗୋଶାଳାର ଉନ୍ନତିବିଧାନ କରିବା ନିମିତ୍ତ ପ୍ରସ୍ତାବ କରାଯାଇଛି । ୧୯୫୬-୫୭ରେ କଟକରେ ଥିବା ଭିକ୍ଷୋରିଆ ଗୋଶାଳା ଓ ସମ୍ବଲପୁରର ବ୍ରଜରାଜନଗର-ଠାରେ ଥିବା ଗୋଶାଳାକୁ ଆର୍ଥିକ ସାହାଯ୍ୟ ଦିଆଯାଇଥିଲା । ୧୯୫୭-୫୮ରେ ପୁଣି ଗୋଶାଳାର ଉନ୍ନତିବିଧାନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏ ସବୁ କାମ ୧୯୫୮-୫୯ରେ ଚାଲୁ ରହିବ ।

**ଛେଳିସଂଖ୍ୟା ବୃଦ୍ଧି ଯୋଜନା :**—ସୁନ୍ଦରଗଡ଼ଠାରେ ୩୦୦୦ ଛେଳିଙ୍କୁ ନେଇ ଗୋଟିଏ ଛେଳି ଫାର୍ମ ସ୍ଥାପନ କରା-ଯାଇଥିଲା । ଏ ଫାର୍ମରେ ବର୍ଷକୁ ୧୦୦୦ ଛେଳି ଉତାରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଫାର୍ମଟିକୁ ବନ୍ଦ କରି ଦିଆଯାଇଛି ।

**ଆଦର୍ଶ ଗ୍ରାମମାନଙ୍କରେ ଚରଉର ଉନ୍ନତିବିଧାନ:—** ପ୍ରତି ଆଦର୍ଶ ଗ୍ରାମ ଅଞ୍ଚଳରେ ଗୋଖାଦ୍ୟ କୃଷ କରିବା ନିମନ୍ତେ ୨୦ ଏକର ବିଶିଷ୍ଟ ପ୍ରଦର୍ଶନମୂଳକ ଫାର୍ମ ସ୍ଥାପନ କରିବା ପାଇଁ ସ୍ଥିର କରାଯାଇଛି । ୧୯୫୬-୫୭ରେ ୭ଟି ଆଦର୍ଶ ଗ୍ରାମ-କେନ୍ଦ୍ରରେ ଏ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଛି । କିନ୍ତୁ ଜଳସେଚନର ସୁବିଧା ଥିବା ଜମି ନ ମିଳିବା ହେତୁ କେବଳ କଶନ୍‌ନଗରରେ ଏ କାର୍ଯ୍ୟ ଆରମ୍ଭ କରାଯାଇଛି । ୧୯୫୭-୫୮ ମସିହାରେ ସାଲେପୁରର ବଡ଼ସାହିଠାରେ ଏଭଳି ଦୁଇଟି ପ୍ରଦର୍ଶନମୂଳକ କ୍ଷେତ୍ର ଖୋଲିବାର ବ୍ୟବସ୍ଥା କରାଯାଇଛି । ୧୯୫୮-୫୯ରେ ଏ ଗୁଡ଼ିକ ଚାଲୁ ରଖାଯିବ ।

**ଆଦର୍ଶ ଗ୍ରାମମାନଙ୍କରେ ବାଛୁରୀମାନଙ୍କ ପାଇଁ ଅର୍ଥ ସାହାଯ୍ୟ :**— ୧୯୫୭-୫୮ରେ ଏ ଯୋଜନାକୁ କାର୍ଯ୍ୟକାରୀ କରାଗଲା ଓ ୩୦୦ ବାଛୁରୀଙ୍କ ପାଇଁ ଅର୍ଥ ସାହାଯ୍ୟ ଦିଆଯାଇଥିଲା । ୧୯୫୮-୫୯ ରେ ଆଉ ୩୦୦ ବାଛୁରୀଙ୍କ ଲାଗି ଅର୍ଥ ସାହାଯ୍ୟ ଦେବାର ଲକ୍ଷ୍ୟ ରଖାଯାଇଛି ।

**ଆଦର୍ଶ ଗ୍ରାମ ସଂପ୍ରସାରଣ କେନ୍ଦ୍ର :**— ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବହୁଳଭାବରେ ପ୍ରଜନନ କାର୍ଯ୍ୟ ଚଳାଇବା ପାଇଁ ଏ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ଅନ୍ୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରାକୃତିକ ପ୍ରଜନନ ପାଇଁ ୫୦ଟି ଷଣ୍ଢ ରଖାଯିବେ । ଭାରତ ସରକାର ଏ ରାଜ୍ୟ ପାଇଁ ଏଭଳି ୨ଟି କେନ୍ଦ୍ର ବରାଦ କରିଛନ୍ତି । ୧୯୫୭-୫୮ରେ କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନ ଅନ୍ତର୍ଗତ ବରୀ-ବଞ୍ଚାରପୁର ଅଞ୍ଚଳରେ ଗୋଟିଏ କେନ୍ଦ୍ର ଖୋଲାଯାଇଛି । ଅନ୍ୟ କେନ୍ଦ୍ର ଟି ୧୯୬୦-୬୧ରେ ଖୋଲାଯିବ ।

**ସିରମ ଅନୁଷ୍ଠାନର ପ୍ରସାର :**—ପଶୁଚିକିତ୍ସା ବିଭାଗର କର୍ମଚାରୀମାନଙ୍କର ଟୀକା, ଔଷଧ ପ୍ରଭୃତି ଅଧିକରୁ ଅଧିକ ଦରକାର ହେଉଛି । କଟକରେ ଥିବା ସିରମ ଅନୁଷ୍ଠାନରୁ ଏଥିପାଇଁ ଯଥେଷ୍ଟ ପରିମାଣରେ ଟୀକା ଓ ଔଷଧ ପ୍ରଭୃତି ତିଆରି ହୋଇପାରୁନାହିଁ । ତେଣୁ ଏଥିପାଇଁ ଭୁବନେଶ୍ୱରଠାରେ ସ୍ଥାୟୀ କଲେଜ ନିକଟରେ ଘର, ଉପକରଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ସୁବିଧା କରି ଦିଆଯିବ । କଟକରେ ଥିବା ସିରମ ଅନୁଷ୍ଠାନକୁ ଏଥିସହିତ ମିଶାଇ ଦିଆଯିବ । ଘର ତିଆରି କରିବାପାଇଁ ୧୯୫୮-୫୯ର ବଜେଟରେ ବ୍ୟବସ୍ଥା କରାଯାଇଛି ।

**ଇନସ୍‌ପେକଟର୍‌ର ନିଯୁକ୍ତି :**—ମଫସଲରେ କାମ କରୁଥିବା କର୍ମଚାରୀମାନଙ୍କ କାର୍ଯ୍ୟ ଠିକ୍‌ଭାବରେ ତନଖି କରିବା ଦିଗରେ ଜିଲ୍ଲା ପଶୁପାଳନ ଓ ପଶୁଚିକିତ୍ସା କର୍ମଚାରୀମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରତି ଜିଲ୍ଲା ସକାଶେ ଜଣେ ଲେଖାଏଁ ଇନସ୍‌ପେକ୍ଟର ନିଯୁକ୍ତ କରିବାପାଇଁ ମନସ୍ଥ କରାଯାଇଛି । ୧୯୫୭-୫୮ରେ ୩ ଜଣ ଇନସ୍‌ପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ୧୯୫୮-୫୯ରେ କାର୍ଯ୍ୟ କରିବେ ।

**ପଶୁ-ଡାକ୍ତରଖାନା :**—ଯୋଜନାକାଳ ମଧ୍ୟରେ ୬୫ଟି ନୂଆ ପଶୁ-ଡାକ୍ତରଖାନା ଖୋଲାଯିବ । ୧୯୫୬-୫୭ରେ ୨୧ଟି ପଶୁ-ଡାକ୍ତରଖାନା ଖୋଲାଯାଇଛି । ଏଥିଭିତରୁ ଜାତୀୟ ସଂପ୍ରସାରଣ ବ୍ଲକମାନଙ୍କରେ ୧୧ଟି ଖୋଲାଯାଇଛି । ୧୯୫୭-୫୮ରେ ୧୦ଟି ପଶୁ-ଡାକ୍ତରଖାନା ଖୋଲାଯାଇଛି । ୧୯୫୮-୫୯ରେ ୧୫ଟି ପଶୁ-ଡାକ୍ତରଖାନା ଖୋଲାଯିବ । ଘର ତିଆରି କରିବା ଓ ଯୋଜନାର

ପ୍ରଥମ ଦୁଇ ବର୍ଷ ଭିତରେ ଖୋଲାଯାଇଥିବା ଡାକ୍ତରଖାନା ଗୁଡ଼ିକର ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି ।

**ଷ୍ଟକ୍‌ମ୍ୟାନ କେନ୍ଦ୍ର :—** ବାର୍ଷିକ ୮୦ଟି ହିସାବରେ ୪୦୦ ଷ୍ଟକ୍‌ମ୍ୟାନ କେନ୍ଦ୍ର ଖୋଲାଯିବ । ଯୋଜନାର ପ୍ରଥମ ଦୁଇ ବର୍ଷ ମଧ୍ୟରେ ୧୬୦ଟି ଖୋଲାଯାଇଛି । ୧୯୫୮-୫୯ରେ ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ଓ ତାହାଛଡ଼ା ୮୦ଟି ନୂଆ କେନ୍ଦ୍ର ଖୋଲାଯିବ ।

**ଡୀପ୍ ଫ୍ରୀଜ୍ ୟୁନିଟ୍ :—** ମଫସଲମାନଙ୍କରେ ବ୍ୟବହୃତ ହେବା ଉଦ୍ଦେଶ୍ୟରେ ଟୀକା, ଔଷଧ ମହଜୁଦ୍ କରି ରଖିବାପାଇଁ ପ୍ରତି ଜିଲ୍ଲା ସଦର ମହକୁମା ପଶୁ-ହାସପାତାଳରେ ଗୋଟିଏ ଲେଖାଏଁ ଔଷଧ ଭଣ୍ଡାର (ବା ଡୀପ୍ ଫ୍ରୀଜ୍ ୟୁନିଟ୍) ସ୍ଥାପନ କରିବାପାଇଁ ସ୍ଥିର କରାଯାଇଛି । ୧୯୫୭-୫୮ରେ ଏପରି ୧୩ଟି ୟୁନିଟ୍ ଖର୍ଦ୍ଦି ହୋଇ ସ୍ଥାପନ କରାଯାଇଛି । ୧୯୫୮-୫୯ରେ ମଧ୍ୟ ଏ ଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ।

**ରୋଗନିଦାନ ଯନ୍ତ୍ର :—** ଶୀଘ୍ର ଶୀଘ୍ର ପଶୁଜାତିର ରୋଗ ନିଦାନ କରିବା ଉଦ୍ଦେଶ୍ୟରେ ସବ୍‌ଡିଭିଜନର ସଦର ମହକୁମାରେ ଥିବା ପଶୁ-ଡାକ୍ତରଖାନାମାନଙ୍କରେ ରୋଗନିଦାନ ଯନ୍ତ୍ର ରଖାଯାଇଛି । ୧୯୫୮-୫୯ରେ ଟ୪,୯୦୦୧ ବ୍ୟୟରେ ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ।

**ଗୋବସନ୍ତ ନିୟନ୍ତ୍ରଣ ଓ ଦୂରୀକରଣ :—** ରାଜ୍ୟରୁ ଗୋବସନ୍ତ ନିରାକରଣ କରିବା ଉଦ୍ଦେଶ୍ୟରେ ସବୁ ଗୋରୁଗାଈଙ୍କୁ ଟୀକା ଦେବା ଏ ଯୋଜନାର ଲକ୍ଷ୍ୟ । ସୁନ୍ଦରଗଡ଼, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାରେ ୧୯୫୭-୫୮ରେ ସବୁ ଗୋରୁଗାଈଙ୍କୁ ଟୀକା

ଦିଆଯାଇଥିଲା । ସମସ୍ତ ରାଜ୍ୟରେ ଟୀକା ଦେବା ଶେଷ ହେବା ପର୍ଯ୍ୟନ୍ତ ଏ ଯୋଜନା ଚାଲୁ ରହିବ । ୧୯୫୮-୫୯ରେ ଆଉ ୭ଟି ଜିଲ୍ଲାରେ ଟୀକା ଦିଆଯିବ ।

**ଗୋସଦନ ସ୍ଥାପନ**—ଗୋଶାଳା ଓ ଆଦର୍ଶ ଗ୍ରାମାଞ୍ଚଳମାନଙ୍କରେ ଥିବା ବେଦରକାରୀ ଗୋରୁଙ୍କୁ ପୃଥକ୍ କରି ରଖିବାପାଇଁ ୧୯୫୭-୫୮ରେ ଗୋଟିଏ ଗୋସଦନ ଖୋଲାଯାଇଛି । ଏଠାରେ ୫୦୦ ଗୋରୁ ରହି ପାରିବେ ।

**କୁକୁଡ଼ା ଫାର୍ମର ପୁନର୍ଗଠନ**—ଅନୁଗୁଳଠାରେ ଥିବା କେନ୍ଦ୍ର କୁକୁଡ଼ା ଫାର୍ମରେ କେତେକ ଅତିରିକ୍ତ ସୁବିଧା କରିବା ଏ ଯୋଜନାର ଉଦ୍ଦେଶ୍ୟ । ଠିକ୍ ଭାବରେ କାମ ତନଖି କରିବାକୁ ୨ ଜଣ ତତ୍ତ୍ୱାବଧାରକ ନିଯୁକ୍ତ କରିବାପାଇଁ ମନସ୍ଥ କରାଯାଇଛି । ଏ ଯୋଜନା ୧୯୫୮-୫୯ରେ ଚାଲୁ ରହିବ ଓ ଅତିରିକ୍ତ ସୁବିଧା କରାଯିବ ।

**କୁକୁଡ଼ା ଉନ୍ନୟନ ଯୋଜନା**—ଏ ଯୋଜନାର ନିମ୍ନଲିଖିତ ୩ଟି ଅଂଶ ରହିଛି:—

(୧) ୧୦୦ଟି ମାଈ କୁକୁଡ଼ାଙ୍କୁ ନେଇ ଗୋଟିଏ ପ୍ରଦର୍ଶନମୂଳକ କୁକୁଡ଼ା ଫାର୍ମ ସ୍ଥାପନ;

(୨) ସହର ଅଞ୍ଚଳମାନଙ୍କରେ ପ୍ରତି କୁକୁଡ଼ାକୁ ଟ୫୲ ଦରରେ ୨୦୦ କୁକୁଡ଼ା ବଣ୍ଟନ; ପ୍ରତି ବ୍ୟକ୍ତିଙ୍କୁ ୧୦ଟି କୁକୁଡ଼ା (୯ଟି ମୁରୁଗି ଓ ଗୋଟିଏ ଗଞ୍ଜା) ଦିଆଯିବ ।

(୩) ମଫସଲ ଅଞ୍ଚଳମାନଙ୍କରେ ପ୍ରତି କୁକୁଡ଼ାକୁ ଟ୨୲ ଦରରେ ୩୦୦ କୁକୁଡ଼ା ବଣ୍ଟନ । ପ୍ରତି ବ୍ୟକ୍ତିଙ୍କୁ ୩ଟି କୁକୁଡ଼ା (ଗୋଟିଏ ଗଞ୍ଜା ଓ ୨ଟି ମୁରୁଗି) ଦିଆଯିବ ।

ଏହାବାଦ ନିମ୍ନଲିଖିତ କାର୍ଯ୍ୟମାନ ଯୋଜନାର ଅନ୍ତର୍ଭୁକ୍ତ ହେବ: —

(କ) କୁକୁଡ଼ାଙ୍କୁ ଖାସୁ କରିବାପାଇଁ ଗୋଟିଏ କର୍ମଗୃଷ୍ଠ ଦଳ ନିଯୁକ୍ତ;

(ଖ) ପ୍ରତ୍ୟେକ କେନ୍ଦ୍ରରେ କୁକୁଡ଼ା ପାଳନ ବିଷୟରେ ୫ଜଣ ଲୋକଙ୍କୁ ତାଲିମ ଦାନ;

(ଗ) କୁକୁଡ଼ା ଘର ଗୃହପଟେ ତାର ଗୁଡ଼ାଇବାପାଇଁ ପ୍ରତ୍ୟେକଙ୍କୁ ୫୦ ଟଙ୍କା ହିସାବରେ ୫ଜଣ ବ୍ୟକ୍ତିଙ୍କୁ ଅର୍ଥ ସାହାଯ୍ୟ; ଓ

(ଘ) କୁକୁଡ଼ା ପ୍ରଦର୍ଶନୀ ।

ଭାରତ ସରକାରଙ୍କ ଦ୍ୱାରା ଏହି ଯୋଜନାଟି ଆରମ୍ଭ ହୋଇଛି । ସରକାର ଆମ ରାଜ୍ୟପାଇଁ ଏହିଭଳି ୧୨ଟି କୁକୁଡ଼ା ଉନ୍ନୟନ କେନ୍ଦ୍ରର ବ୍ୟବସ୍ଥା କରିଛନ୍ତି । ଏଥିଭିତରୁ ୪ଟି କେନ୍ଦ୍ର ଭଞ୍ଜନଗର, ପିପିଲି, ବରପାଲ୍ଲୀ ଓ ସୁନ୍ଦରଗଡ଼ରେ ୧୯୫୬-୫୭ରେ ଖୋଲାଯାଇଛି । ୧୯୫୭-୫୮ରେ କେନ୍ଦୁଝର, କୋରାପୁଟ ଓ ଫୁଲବାଣୀରେ ଆଉ ୩ଟି କେନ୍ଦ୍ର ଖୋଲାଯାଇଛି । ୧୯୫୮-୫୯ରେ କେନ୍ଦ୍ରଗୁଡ଼ିକ ଚାଲୁ ରହିବ ।

**ପଶୁମେଳା** :— ଏ ଯୋଜନା ଅନୁସାରେ ପ୍ରତିବର୍ଷ ୬୦ଟି ବାଛୁରୀ ପ୍ରଦର୍ଶନୀ କରିବାପାଇଁ ମନସ୍ଥ କରାଯାଇଛି । ପ୍ରତି ମେଳାପାଇଁ ୫୦୦ ଟଙ୍କା ଖର୍ଚ୍ଚ ହେବ । ଯେଉଁ ଅଞ୍ଚଳମାନଙ୍କରେ କୃତ୍ରିମ ପ୍ରଜନନ କେନ୍ଦ୍ର, ଉତ୍କଳ ଗୋମଙ୍ଗଳ ସମିତି ଦ୍ୱାରା ଉପକେନ୍ଦ୍ର ବା ଷଣ୍ଢକେନ୍ଦ୍ର ପରିଚାଳିତ ହେଉଛି, ସେହି ଅଞ୍ଚଳମାନଙ୍କରେ ମେଳା ଅନୁଷ୍ଠିତ ହୋଇଥାଏ । ଏହା ହେବାଦ୍ୱାରା କୃତ୍ରିମ ପ୍ରଜନନ

ପ୍ରଣାଳୀ ଦ୍ୱାରା ବା ଉତ୍କଳ ଗୋମଙ୍ଗଳ ସମିତିଦ୍ୱାରା ପାଳିତ ହେଉଥିବା ଷଣ୍ଢଙ୍କଦ୍ୱାରା ବାଛୁରୀମାନଙ୍କୁ ପୁରସ୍କାର ଦିଆଯିବ ।

**ଭାରତୀୟ କୃଷି ଗବେଷଣା ପରିଷଦଦ୍ୱାରା ମଞ୍ଜୁରୀପ୍ରାପ୍ତ ଯୋଜନା**—ନିମ୍ନଲିଖିତ ୫ଗୋଟି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଭାରତୀୟ କୃଷି ଗବେଷଣା ପରିଷଦ ମଞ୍ଜୁର କରିଛନ୍ତି । ଯୋଜନାଗୁଡ଼ିକ ୧୯୫୮-୫୯ରେ କାର୍ଯ୍ୟକାରୀ ହେବ ଓ ଏଥିପାଇଁ ବଜେଟରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି ।

୧ । ଗୋରୁମାନଙ୍କ ଅନୁଭବ ଶକ୍ତି-ହୀନତା ସଂପର୍କରେ ପରୀକ୍ଷା :— ଭାରତୀୟ ଗୋରୁମାନଙ୍କ ଚିକିତ୍ସାପାଇଁ ଗୋଟିଏ ଉପଯୁକ୍ତ ଅନୁଭବ ଶକ୍ତି-ହୀନ ଔଷଧ ବାହାର କରିବା ଉଦ୍ଦେଶ୍ୟରେ ଏହି ଯୋଜନାଟି କାର୍ଯ୍ୟକାରୀ ହେବ ।

୨ । ବ୍ରୁସିଲୋସିସ୍ ନିୟନ୍ତ୍ରଣ ।

୩ । ଗୋରୁମାନଙ୍କର ଫଣ୍ଡିଆ କାହିଁକି ବାରମ୍ବାର ଖସେ, ସେ ବିଷୟରେ ଅନୁସନ୍ଧାନ, ଚିକିତ୍ସା ଓ ପ୍ରତିଷେଧକ ।

୪ । ଭାରତର ଷଣ୍ଢମାନେ କେତେ ବୟସରେ ସଙ୍ଗମକ୍ଷମ ହୁଅନ୍ତି, ତାହା ନିରୂପଣ କରିବା ।

୫ । ଗୋଜାତିର ବନ୍ଧ୍ୟାତ୍ୱ ସଂପର୍କରେ ଅନୁସନ୍ଧାନ ।

**ଅଳ୍ପ ଖର୍ଚ୍ଚରେ କୁକୁଡ଼ା ଘର ତିଆରି :**— ଗାଁ ଗହଳରେ ମିଳୁଥିବା ଉପକରଣ ବ୍ୟବହାର କରି କାରିଗରମାନେ ଯେଉଁ କୁକୁଡ଼ା ଘର ତିଆରି କରନ୍ତି, ରାଜ୍ୟର ଜଳବାୟୁ ଦୃଷ୍ଟିରୁ ସେ ସବୁ କୁକୁଡ଼ାମାନଙ୍କ ପକ୍ଷରେ କେତେଦୂର ଉପଯୋଗୀ ବା ଅନୁପଯୋଗୀ, ତାହା ପରୀକ୍ଷା କରି ଦେଖିବା ଏ ଯୋଜନାର ଉଦ୍ଦେଶ୍ୟ ।

# (୫) ଗୋପାଳନ ଓ ଦୁଗ୍ଧ ଯୋଗାଣ

**ଗୋ ଉନ୍ନୟନ ଅଫିସର ନିଯୁକ୍ତ :—** ଗୋଜାତିର ଉନ୍ନତିକଳ୍ପେ କରାଯାଇଥିବା ଯୋଜନାଗୁଡ଼ିକର କାର୍ଯ୍ୟ ତଦାରଖ କରିବା ଓ ପରିଚାଳନା କରିବା ଉଦ୍ଦେଶ୍ୟରେ ୧୯୫୭-୫୮ରେ ଜଣେ ଗୋ-ଉନ୍ନୟନ ଅଫିସର ନିଯୁକ୍ତ ହୋଇଛନ୍ତି । ବିଭାଗୀୟ ପ୍ରଜନନ ଫାର୍ମଗୁଡ଼ିକର ମଧ୍ୟ ସେ ତତ୍ତ୍ୱାବଧାନ କରିବେ ।

**ଗୋ-ପାଳନ ସଂପର୍କରେ ତାଲିମ:—** ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୫ଜଣ ବ୍ୟକ୍ତିଙ୍କୁ ଇଣ୍ଡିୟାନ୍ ଡେୟାରି ଡିପ୍ଲୋମା କୋର୍ସରେ ତାଲିମ କରାଯିବ । ୧୯୫୬-୫୭ରେ ୨ ଜଣ ଓ ୧୯୫୭-୫୮ରେ ଜଣେ ତାଲିମ ପାଇଁ ପଠାଯାଇଥିଲେ ।

**ବର୍ତ୍ତମାନର ଡେୟାରୀଗୁଡ଼ିକର ଦୃଢ଼ୀକରଣ :—** ଏ ଯୋଜନା ଅନୁସାରେ ଖପୁରିଆଠାରେ ଥିବା ଡେୟାରି ଫାର୍ମ ପାଇଁ ଅଧିକ ଘର, ବିଜୁଳି ଓ ଜଳ ଯୋଗାଣ, ଯନ୍ତ୍ରପାତି ପ୍ରଭୃତି ବନ୍ଦୋବସ୍ତ କରାଯାଉଛି । ୧୯୫୬-୫୭ରେ ଏ ଯୋଜନାର ଗୋଟିଏ ଅଂଶ କାର୍ଯ୍ୟକାରୀ ହୋଇଛି ଓ ୧୯୫୭-୫୮ରେ ଅବଶିଷ୍ଟ କାର୍ଯ୍ୟମାନ କରାଯାଇଛି ।

**ଦୁଗ୍ଧ ୟୁନିୟନ:—** ଗାଁଗହଳରୁ ଦୁଧ ସଂଗ୍ରହ କରିବା ଓ ତହିଁରୁ ମାଖନ କାଢ଼ି ନେଇ ତାକୁ କଟକ ଓ ଭୁବନେଶ୍ୱରରେ ବିକ୍ରୀ କରିବା ପାଇଁ ଗୋଟିଏ ଦୁଗ୍ଧ ୟୁନିୟନ ପ୍ରତିଷ୍ଠା କରାଯିବ । ଏହି ଦୁଗ୍ଧ ୟୁନିୟନ ଆରମ୍ଭ ହେଉଛି ।

# (୭) ଜଙ୍ଗଲ

**ଫରେଷ୍ଟ ଗାର୍ଡ଼ ତାଲିମ ଓ କେନ୍ଦ୍ରୀୟ ଫରେଷ୍ଟ ଗାର୍ଡ଼ସ୍ ଟ୍ରେନିଂ ସ୍କୁଲ ସ୍ଥାପନ:**—ଦ୍ୱିତୀୟ ଯୋଜନାକାଳରେ ୪୮୪ ଜଣ ଫରେଷ୍ଟ ଗାର୍ଡ଼ ତାଲିମ ହେବେ । ୭ଟି ଫରେଷ୍ଟ ଗାର୍ଡ଼ସ୍ ଟ୍ରେନିଂ ସ୍କୁଲ ଓ ଗୋଟିଏ କେନ୍ଦ୍ରୀୟ ଫରେଷ୍ଟ ଗାର୍ଡ଼ସ୍ ଟ୍ରେନିଂ ସ୍କୁଲ ପରିଚାଳନା କରିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ଯୋଜନାର ପ୍ରଥମ ବର୍ଷ (୧୯୫୬-୫୭)ରେ ୭ଟି ଯାକ ତାଲିମ କେନ୍ଦ୍ରରୁ ୮୪ ଜଣ ଫରେଷ୍ଟ ଗାର୍ଡ଼ ତାଲିମ ହୋଇଥିଲେ । କେନ୍ଦ୍ରୀୟ ଫରେଷ୍ଟ ଗାର୍ଡ଼ସ୍ ଟ୍ରେନିଂ ସ୍କୁଲ ଓ ଛାତ୍ରାବାସ ଆଂଶିକ ତିଆରି ହୋଇଥିଲା । ୧୯୫୭-୫୮ରେ ୭ଟି ଯାକ ଫରେଷ୍ଟ ଗାର୍ଡ଼ସ୍ ଟ୍ରେନିଂ ସ୍କୁଲକୁ ଚାଲୁ ରଖାଯାଇଥିଲା ଓ ସ୍କୁଲ ଘର, ଛାତ୍ରାବାସ ଓ ଶିକ୍ଷକ ମାନଙ୍କ ରହିବା ଘର ପ୍ରାୟ ତିଆରି ହୋଇ ସାରିଥିଲା । ୧୯୫୭ ନଭେମ୍ବର ପହିଲାଠାରୁ କେନ୍ଦ୍ରୀୟ ଟ୍ରେନିଂ ସ୍କୁଲ ଖୋଲା ହୋଇଥିଲା । ୧୯୫୮-୫୯ରେ କର୍ମଚାରୀମାନଙ୍କ ପାଇଁ ଆଉ ୭ଟି ରହିବା ଘର ତିଆରି ହେବ ଏବଂ ସ୍କୁଲ ଓ ଛାତ୍ରାବାସର ପାଚେରି ପାଇଁ ବାଡ଼ ଓ ପକା ନଳାର ବ୍ୟବସ୍ଥା କରାଯିବ । ୧୯୫୭-୫୮ରେ ଫରେଷ୍ଟ ଗାର୍ଡ଼ରୂପେ ତାଲିମ ପାଇବା ପାଇଁ ୯୮ ଜଣ ଶିକ୍ଷାର୍ଥୀ ଗୃହୀତ ହୋଇଥିଲେ ଓ ୧୯୫୮-୫୯ରେ ୧୦୦ ଜଣ ଶିକ୍ଷାର୍ଥୀ ଗୃହୀତ ହେବେ ।

**ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟସ୍, ରେଞ୍ଜର ଓ ଫରେଷ୍ଟର ତାଲିମ:**—୧୯୫୬-୫୭ରେ ଆସିଷ୍ଟାଣ୍ଟ କଞ୍ଜରଭେଟର୍ ଅବ୍ ଫରେଷ୍ଟସ୍ ରୂପେ ତାଲିମ ପାଇଁ ୪ ଜଣ ପ୍ରାର୍ଥୀଙ୍କୁ ଡେରାଡୁନ୍‌ଠାରେ ଥିବା ଫରେଷ୍ଟ ଟ୍ରେନିଂ ସ୍କୁଲକୁ ପଠା-

ଯାଇଥିଲା । ଏଲାହାବାଦ ରେଞ୍ଜରରୂପେ ତାଲିମ ପାଇବା ପାଇଁ ୯ ଜଣ ପ୍ରାର୍ଥୀ ପଠାଯାଇଥିଲେ । ୧୯୫୭-୫୮ରେ କୋଏମ୍ବାତୁରର ଫରେଷ୍ଟ ରେଞ୍ଜର୍ କଲେଜରେ ତାଲିମ ପାଇବା ପାଇଁ ୪ ଜଣ ପ୍ରାର୍ଥୀ ପଠାଯାଇଛନ୍ତି । ୧୯୫୮-୫୯ରେ ଗୋଟିଏ ଫରେଷ୍ଟର୍ସ୍ ଟ୍ରେନିଂ ସ୍କୁଲ୍ ଖୋଲିବା ପାଇଁ କୋଠାବାଡ଼ି ତିଆରି କରାଯିବ । ଏ ବର୍ଷ ନିକୋଲସନ୍ ଫରେଷ୍ଟର୍ସ୍ ସ୍କୁଲରେ ୧୦ ଜଣ ଫରେଷ୍ଟର୍‌ଙ୍କୁ ତାଲିମ କରିବା ପାଇଁ ମନସ୍ଥ କରାଯାଇଛି ।

**ଜଙ୍ଗଲ ଚିହ୍ନୋଟ :**—ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ୩,୫୬୫ ମାଇଲ ଜଙ୍ଗଲ ଚିହ୍ନୋଟ କରିବା ଓ ୩,୨୭୩ ମାଇଲ ଜଙ୍ଗଲ ସର୍ଭେ କରିବା ପାଇଁ ମନସ୍ଥ କରାଯାଇଛି । ଯୋଜନା-କାଳର ପ୍ରଥମ ବର୍ଷ ୫୫୦ ମାଇଲ ଜଙ୍ଗଲ ଅଞ୍ଚଳ ଚିହ୍ନୋଟ କରାଯାଇଛି ଓ ୬୫୨ ମାଇଲ ସର୍ଭେ କରାଯାଇଛି । ୧୯୫୭-୫୮ରେ ୬୭୮ ମାଇଲ ଚିହ୍ନୋଟ ଓ ୫୯୭ ମାଇଲ ସର୍ଭେ ହୋଇଛି । ୧୯୫୮-୫୯ରେ ୭୧୭ ମାଇଲ ଜଙ୍ଗଲ ଚିହ୍ନୋଟ କରିବା ଓ ୭୭୦ ମାଇଲ ସର୍ଭେ କରିବାପାଇଁ ପ୍ରସ୍ତାବ କରାଯାଇଛି ।

**ନରମ କାଠ ଗଛ ରୋପଣ :**—ଯୋଜନାକାଳରେ ଢେଙ୍କାନାଳ ଡିଭିଜନର ଅନନ୍ତପୁର ବ୍ଲକରେ ୮୨୫ ଏକର ଜମିରେ ଶିମିଳି ଗଛ ଲଗାଇବା ପାଇଁ ଠିକ୍ କରାଯାଇଛି । ୧୯୫୬-୫୭ରେ ୧୨୫ ଏକରରେ ଗଛ ଲଗା ହୋଇ ସାରିଛି । ୧୯୫୭-୫୮ରେ ୧୭୫ ଏକରରେ ଗଛ ଲଗା ହୋଇ ସାରିଛି । ୧୯୫୮-୫୯ରେ ୧୭୫ ଏକରରେ ଗଛ ଲଗାଯିବ ।

**ସାଗୁଆନ ଓ ଅନ୍ୟାନ୍ୟ ମୂଲ୍ୟବାନ ଗଛ ରୋପଣ :**—ଯୋଜନାକାଳରେ ପ୍ରାୟ ୮୧୦୫ ଏକର ଜମିରେ ସାଗୁଆନ

ଗଛ ଲଗାଇବା ପାଇଁ ପ୍ରସ୍ତାବ କରାଯାଇଛି । ୧୯୫୬-୫୭ରେ ୪୩୬ ଏକରରେ ସାଗୁଆନ ଗଛ ଲଗାଯାଇଥିଲା । ୧୯୫୭-୫୮ରେ ୧,୧୬୭ ଏକରରୁ ଅଧିକ ଜମିରେ ଗଛ ଲଗାଯାଇଛି ଓ ୧୯୫୮-୫୯ରେ ୨୦୪୫ ଏକର ଜମିରେ ଗଛ ଲଗାଇବା ପାଇଁ ମନସ୍ଥ କରାଯାଇଛି ।

**ସବାଇ ଘାସ, ରସା ଘାସ ଓ ଖଇର ଚାଷ :—** ଦଉଡ଼ି ବଳିବା ଓ କାଗଜ ତିଆରି କରିବା ପାଇଁ ସବାଇ ଘାସର ଚାହିଦା କ୍ରମେ କ୍ରମେ ବଢ଼ୁଛି । ତେଣୁ ଅଧିକ ଜମିରେ ସବାଇ ଘାସ ଚାଷ କରିବା ସ୍ଥିର ହୋଇଛି । ସେହିପରି ଅଧିକ ଜମିରେ ଖଇର ଚାଷ କରିବା ପାଇଁ ଠିକ୍ କରାଯାଉଛି । ଦ୍ୱିତୀୟ ଯୋଜନା କାଳରେ ୧୭୦୮.୫ ଏକରରେ ଖଇର ଚାଷ ଓ ୧୬୭୫.୭୫ ଏକରରେ ସବାଇ ଘାସ ଚାଷ କରିବା ପାଇଁ ଠିକ୍ କରାଯାଇଛି । ୧୯୫୬-୫୭ରେ ୮୩.୫ ଏକରରେ ଖଇର ଚାଷ ଓ ୩୪୦.୭୫ ଏକରରେ ସବାଇ ଘାସ ଚାଷ କରାଯାଇଛି । ୧୯୫୭-୫୮ରେ ଅଧିକା ୭୬୩ ଏକରରେ ଖଇର ଚାଷ ଓ ୩୫୦ ଏକରରେ ସବାଇ ଘାସ ଚାଷ କରାଯାଇଛି । ୧୯୫୮-୫୯ରେ ୪୦୫ ଏକରରେ ଖଇର ଓ ୩୪୦ ଏକରରେ ସବାଇ ଘାସ ଚାଷ କରାଯିବ ।

**ରାସ୍ତା :—** ଯୋଜନାକାଳରେ ପ୍ରାୟ ୬୬୪ ମାଇଲ ନୂଆ ରାସ୍ତା ନିର୍ମାଣ କରିବା, ୨୧୧ ମାଇଲ ପୁରୁଣା ରାସ୍ତାର ଉନ୍ନତି-ବିଧାନ କରିବା, ୬୮ ମାଇଲ ରାସ୍ତାର ଚଓଡ଼ା କରିବା ଓ ୫୫ଟି ପୋଲ ଓ ଗଡ଼ ତିଆରି କରାଯିବାର ସ୍ଥିର ହୋଇଛି । ୧୯୫୬-୫୭ରେ ୯୭ ମାଇଲ ନୂଆ ରାସ୍ତା ତିଆରି ହୋଇଥିଲା, ୧୦ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଥିଲା, ୪୪ ମାଇଲ ନୂଆ ରାସ୍ତା

ଚଦ୍ଦ୍ୱୋଟ କରାଯାଇଥିଲା ଓ ୧୧ଟି ପୋଲ ଓ ଶଙ୍ଖ ତିଆରି କରାଯାଇ- ଥିଲା । ୧୯୫୭-୫୮ରେ ୧୧୦ ମାଇଲ ୯ ଚେନ୍ ନୂଆ ରାସ୍ତା ତିଆରି ହୋଇଛି, ୭୮ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଛି, ୪୪ ମାଇଲ ରାସ୍ତା ଚଦ୍ଦ୍ୱୋଟ କରାଯାଇଛି ଏବଂ ୬୭ଟି ପୋଲ ଓ ଶଙ୍ଖ ତିଆରି କରାଯାଇଛି । ୧୯୫୮-୫୯ରେ ୧୫୭ ମାଇଲ ନୂଆ ରାସ୍ତା ତିଆରି କରିବା, ୬୧ ମାଇଲ ରାସ୍ତାର ଉନ୍ନତିବିଧାନ କରିବା ଏବଂ ୧୦ଟି ଶଙ୍ଖ ଓ ପୋଲ ନିର୍ମାଣ କରିବା ପାଇଁ ପ୍ରସ୍ତାବ କରାଯାଇଛି ।

**ଘର ଓ କୁଅ ତିଆରି :—** ୧୯୫୬-୫୭ରେ ଫରେଷ୍ଟ ଡିପାର୍ଟମେଣ୍ଟର କର୍ମଚାରୀମାନଙ୍କ ପାଇଁ ୪୫ଟି ଘର ତିଆରି କରା- ଯାଇଥିଲା । ୧୯୫୭-୫୮ରେ ୩୮ଟି ଘର ତିଆରି କରିବା ପାଇଁ ମଞ୍ଜୁରି ଦିଆଯାଇଛି । ଏଥିମଧ୍ୟରୁ ୩୪ଟି ଘର ତିଆରି ଶେଷ ହୋଇଛି ଓ ୪ଟି ଘର ତିଆରି ହେଉଛି । ୧୯୫୮-୫୯ରେ ୪୩ଟି ଘର ତିଆରି କରିବା ପାଇଁ ପ୍ରସ୍ତାବ ରହିଛି ।

**ପୂର୍ବତନ ଜମିଦାରୀ ଜଙ୍ଗଲର ପରିଚାଳନା :—** ସରକାର ବିସ୍ତୀର୍ଣ୍ଣ ଜମିଦାରୀ ଜଙ୍ଗଲର ଭାର ନିଜ ହାତରେ ଗ୍ରହଣ କରିଛନ୍ତି । ଅତୀତରେ ଏ ଜଙ୍ଗଲମାନଙ୍କରୁ ବହୁସଂଖ୍ୟକ ଗଛ କାଟି ନିଆଯାଉଥିଲା । ସେ ଜଙ୍ଗଲ ଭିତରୁ କୌଣସିଟି ରିଜର୍ଭ ଜଙ୍ଗଲରୂପେ ଧରା ଯାଉ ନ ଥିଲା । କୋରାପୁଟ ଓ କଳାହାଣ୍ଡି ଜିଲାର ଖଡ଼ିଆଳ ଜଙ୍ଗଲରେ ମୂଲ୍ୟବାନ ସାଗୁଆନ କାଠ ଅଛି । ଏ ଗୁଡ଼ିକ ରକ୍ଷା କରିବା ଦରକାର । ଦ୍ୱିତୀୟ ଯୋଜନା- କାଳରେ ରାସ୍ତା ପକାଇ, ସାଗୁଆନ ଭଳି ମୂଲ୍ୟବାନ ଗଛ ଲଗାଇ; କର୍ମଚାରୀମାନଙ୍କ ପାଇଁ ଘର ତିଆରି କରି ଓ ଜଙ୍ଗଲ ଅଞ୍ଚଳ- ମାନ ଚଦ୍ଦ୍ୱୋଟ କରି ଏ ସବୁ ଜଙ୍ଗଲର ଉନ୍ନତିବିଧାନ କରିବା ପାଇଁ

ମନସ୍ଥ କରାଯାଇଛି । ୧୯୫୮-୫୯ରେ କୋରାପୁଟ ଜିଲାର ଜୟପୁର, କଳାହାଣ୍ଡି ଜିଲାର ଖଡ଼ିଆଳ ଓ ସମ୍ବଲପୁର ଜିଲାର ପଦ୍ମପୁର ଜଙ୍ଗଲ ଅଞ୍ଚଳଗୁଡ଼ିକରୁ ୧୦୦୦ ମାଇଲ ଚଦ୍ଧୋଟ କରିବା ପାଇଁ ପ୍ରସ୍ତାବ କରାଯାଇଛି । ଆହୁରି ମଧ୍ୟ ୭୫½ ମାଇଲ ନୂଆ ରାସ୍ତା ଓ ୨୭ଟି ରହିବା ଘର ତିଆରି କରିବା ପାଇଁ ମଧ୍ୟ ଠିକ୍ କରାଯାଇଛି । ୩୦୦ ଏକର ଜମିରେ ନୂଆ ଗଛ ଲଗାଯିବ ।

**ଜାତୀୟ ପାର୍କ ଓ ଆଶ୍ରୟସ୍ଥଳ :**—ମୟୂରଭଞ୍ଜ ଜିଲାର ଶିମିଳିପାଳ ପାହାଡ଼ରେ ଗୋଟିଏ ଜାତୀୟ ପାର୍କ ଖୋଲିବା ଓ ଟିକରପଡ଼ା ପଶୁଶାଳାର ଉନ୍ନତିବିଧାନ କରିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ରେ ୪ ମାଇଲ ୫ ଫର୍ଲଙ୍ଗ ନୂଆ ରାସ୍ତା ତିଆରି ହୋଇଥିଲା, ୨½ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଥିଲା ଓ ୪ଟି କାଜ (ଧୋଷରା) ଓ କର୍ମଚାରୀଙ୍କ ପାଇଁ ୮ଟି ରହିବା ଘର ତିଆରି ହୋଇଥିଲା । ୧୯୫୭-୫୮ରେ ୨୦ ମାଇଲ ନୂଆ ରାସ୍ତା ତିଆରି ହୋଇଥିଲା ଓ ୧୮½ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଥିଲା । କର୍ମଚାରୀମାନଙ୍କ ପାଇଁ ୩ଟି ରହିବା ଘର, ୪ଟି ପର୍ଯ୍ୟବେକ୍ଷଣାଗାର ଓ କୂଅ ମଧ୍ୟ ନିର୍ମାଣ କରାଯାଉଛି ଏବଂ ପୁରୁଣା ବିଶ୍ରାମାଗାରର ଉନ୍ନତି-ବିଧାନ କରାଯାଉଛି । ୧୯୫୮-୫୯ରେ ୨୭ ମାଇଲ ନୂଆ ରାସ୍ତା, ଗୋଟିଏ କାଜ, ୩ଟି ବିଶ୍ରାମାଗାର ଓ ୪ଟି ଘର ନିର୍ମିତ ହେବ ।

**ଲାକ୍ଷ ଉନ୍ନୟନ :**—ଦୁଇଟି ଫାର୍ମ ଖୋଲିବା ଓ ୮ଟି ଘର ତୋଳିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ଏଥି ଭିତରୁ ୧୯୫୬-୫୭ରେ ୨ଟି ଫାର୍ମ ଓ ୨ଟି ଘର ଏବଂ ୧୯୫୭-୫୮

ମସିହାରେ ୬୫ଟି ଘର ଛଆର ହୋଇଛୁ । ୧୪,୫ଟି କୁସୁମ ଗଛ ରୋଗାକ୍ରାନ୍ତ ହୋଇଥିଲା ଓ ୧୯୫୭-୫୮ରେ ୧୧୩୫ଟି ଗଛର ଅଗ କଟା ଯାଇଥିଲା । ୧୯୫୮-୫୯ରେ ଫାର୍ମଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବ ।

## (୭) ମୃତ୍ତିକା ସଂରକ୍ଷଣ

ମୃତ୍ତିକା ସଂରକ୍ଷଣ ବିଷୟରେ ୮ଟି ଯୋଜନା ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ ହୋଇଛି । ଏହି ଯୋଜନାଗୁଡ଼ିକ ଅନୁସାରେ ମାଛକୁଣ୍ଡ ଉପତ୍ୟକା ଓ ଇବ ଅବବାହିକାରେ ମୃତ୍ତିକା ସଂରକ୍ଷଣ କରାଯିବ । ମୃତ୍ତିକା ସଂରକ୍ଷଣ ପାଇଁ ସମୁଦ୍ରକୂଳ ବାଲି ଉପରେ ଗଛ ଲଗାଇବା ନିମନ୍ତେ କର୍ମଚାରୀ ନିଯୁକ୍ତ କରିବା, ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କେନ୍ଦ୍ର ସ୍ଥାପନ, ମୃତ୍ତିକା କ୍ଷୟ ଓ ଜମିର ଉତ୍ପାଦିକା ଶକ୍ତି ସମ୍ପର୍କରେ ଅନୁସନ୍ଧାନ, ମୃତ୍ତିକା ସଂରକ୍ଷଣ ଗବେଷଣା ମନ୍ଦିର ସ୍ଥାପନ, ଜୁନିଅର କଞ୍ଜରଭେସନ ଆସିଷ୍ଟାଣ୍ଟ ତାଲିମ ଓ ସଦର ମହକୁମା ସଂଗଠନର ପୁନର୍ଗଠନ କରାଯାଉଛି । ଇବ ଅବବାହିକା ଯୋଜନା ଅନୁସାରେ ୧୯୫୬-୫୭ରେ ୫୦୦ ଏକର ଜମିରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୧୯୫୭-୫୮ରେ ୬୨୬୮ ଏକରରୁ ଅଧିକ ଜମିରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ହୋଇଥିଲା । ୧୯୫୮-୫୯ରେ ୩,୨୦୦ ଏକର ଜମିରେ ଏହି କାର୍ଯ୍ୟ ହେବ ବୋଲି ଲକ୍ଷ୍ୟ ରଖାଯାଇଛି । ମାଛକୁଣ୍ଡ ଅବବାହିକା ଅଞ୍ଚଳରେ ୬,୦୭୬ ଏକରରେ ଆଡ଼ିବନ୍ଧ ଦେବା ଓ ଗଛ ଲଗାଇବା କାମ ହୋଇଥିଲା ଓ ୧୯୫୬-୫୭ରେ ୬ ମାଇଲରେ ଆଗାଢ଼ି ଗଛ ଲଗା ଯାଇଥିଲା । ୧୯୫୭-୫୮ରେ ୧,୨୫୦ ଏକରରେ ଗଛ ଲଗାଇବା, ୫,୩୭୧ ଏକରରେ ଆଡ଼ିବନ୍ଧ ପକାଇବା ଓ ୧୫ ମାଇଲରେ

ଆଗାଖ ଗଛ ଲଗାଇବା କାର୍ଯ୍ୟ ଚାଲିଥିଲା । ୧୯୫୮-୫୯ରେ ୯,୦୦୦ ଏକରରେ ଆଡ଼ବନ୍ଧ ପଡ଼ିବ, ୯୦୦ ଏକରରେ ଜଙ୍ଗଲ ଉଠାଇବା ପାଇଁ ଗଛ ଲାଗିବ ଓ ୧୧ ମାଇଲରେ ଆଗାଖ ଗଛ ଲାଗିବ । ଉପକୂଳବର୍ତ୍ତୀ ବାଲୁକା ପ୍ରାନ୍ତରରେ ମୃତ୍ତିକା ସଂରକ୍ଷଣ ପାଇଁ ଗଛ ଲଗାଇବା ଉଦ୍ଦେଶ୍ୟରେ ୧୯୫୬-୫୭ରେ ୨୭୭ ଏକରରେ ଝାଉଁ ଗଛ ଲଗିଥିଲା । ୧୯୫୭-୫୮ରେ ୧,୧୩୦ ଏକରରେ ଝାଉଁ ଗଛ ଲଗାଇବା ପାଇଁ ବ୍ୟବସ୍ଥା କରାଯାଇଛି । ୧୯୫୮-୫୯ରେ ୧୦୦୦ ଏକରରେ ଗଛ ଲଗାଯିବ ।

ରାଜଗାଙ୍ଗପୁର, କୋରାପୁଟ, ଅନଗୁଳ ଓ ଲରମ୍ବାଠାରେ ଥିବା ୪ଟି ଯାକ ପ୍ରଦର୍ଶନ କେନ୍ଦ୍ର ଦ୍ୱିତୀୟ ଯୋଜନାକାଳରେ ଚାଲୁ ରହିବ । ୧୯୫୬-୫୭ରେ ଏ ସବୁ କେନ୍ଦ୍ରରେ ୧,୩୯୦ ଏକରରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା । ୧୯୫୭-୫୮ରେ ୩୯୦ ଏକରରେ କାର୍ଯ୍ୟ ହୋଇଛି । ୧୯୫୮-୫୯ରେ ୧,୩୫୦ ଏକରରେ କାମ ହେବ ।

ମୃତ୍ତିକା ସଂରକ୍ଷଣ ଓ ଜମିର ଉତ୍ପାଦିକା ଶକ୍ତି ସଂପର୍କରେ ୧୯୫୪-୫୫ରେ ସର୍ଭେ ଆରମ୍ଭ ହୋଇଥିଲା । ଏ କାର୍ଯ୍ୟ ଦ୍ୱିତୀୟ ଯୋଜନାକାଳରେ ଚାଲୁ ରହିବ । ୧୯୫୬-୫୭ରେ ୨ ୫,୨୭୫ ଏକର ଜମି ସର୍ଭେ ହୋଇଥିଲା । ୧୯୫୭-୫୮ରେ ୭୫,୦୦୦ ଏକର ସର୍ଭେ କରାଯାଇଛି । ୧୯୫୮-୫୯ରେ ଆଉ ୭୫,୦୦୦ ଏକର ସର୍ଭେ କରାଯିବ । କଟକରେ ସ୍ଥାପିତ ହୋଇଥିବ 'ମୃତ୍ତିକା ସଂରକ୍ଷଣ ଗବେଷଣା ଅନୁଷ୍ଠାନ' ଦ୍ୱାରା ମୃତ୍ତିକା ସଂରକ୍ଷଣ ଓ ଯୋଡ଼ୁ ଚାଷ ସମସ୍ୟା ସଂପର୍କରେ ଅନୁଧାନ କରାଯାଉଛି । ପରୀକ୍ଷା-ମୂଳକ ଭାବରେ ଯେଉଁ ତଥ୍ୟ ମିଳିବ, ତାହା ମୃତ୍ତିକା ସଂରକ୍ଷଣ

କାର୍ଯ୍ୟସୂଚୀ ତିଆରି କରିବା ଓ ଭୂମିଉପଯୋଗ ମାନଚିତ୍ର ତିଆରି କରିବାରେ ସହାୟକ ହେବ । ଦ୍ୱିତୀୟ ଯୋଜନାକାଳରେ ଗବେଷଣାଗାରରେ ଉପଯୁକ୍ତ ଯନ୍ତ୍ରପାତି ରଖାଯିବ ।

**ଜୁନିଅର ସଏଲ୍ କଞ୍ଜର୍ଭେସନ୍ ଆସିଷ୍ଟାଣ୍ଟ୍‌ମାନଙ୍କ ତାଲିମ:**— ରାଜଗାଙ୍ଗପୁରଠାରେ ଥିବା ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ ଓ ତାଲିମ କେନ୍ଦ୍ରରେ ସଏଲ୍ କଞ୍ଜର୍ଭେସନ୍ ଆସିଷ୍ଟାଣ୍ଟ୍‌ରୂପେ ନିଯୁକ୍ତ ହେବା ପାଇଁ ପ୍ରାର୍ଥୀମାନଙ୍କୁ ତାଲିମ ଦେବାର ସୁବିଧା ଅଛି । ୧୯୫୬-୫୭ରେ ୩୦ ଜଣ ଓ ୧୯୫୭-୫୮ରେ ୪୦ ଜଣ ଛାତ୍ରଙ୍କୁ ତାଲିମ ଦିଆଯାଇଥିଲା । ୧୯୫୭-୫୮ରେ ୨୭ ଜଣ ଛାତ୍ର ଭର୍ତ୍ତି ହୋଇଥିଲେ । ୧୯୫୮-୫୯ରେ ୫୦ ଜଣ ଛାତ୍ରଙ୍କୁ ତାଲିମ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି ।

## (୮) ମାଛ ଚାଷ

**ତତ୍ତ୍ୱାବଧାନ:**— ଜିଲ୍ଲା ସ୍ତରରେ କାର୍ଯ୍ୟ ତତ୍ତ୍ୱାବଧାନ କରିବା ଓ ବିଭିନ୍ନ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ ହୋଇଛନ୍ତି ଓ ୧୯୫୮-୫୯ରେ ଆଉ କେତେକ କର୍ମଚାରୀ ନିଯୁକ୍ତ ହେବେ ।


**ସ୍ୱଚ୍ଛ ଜଳରେ ଥିବା ମାଛମାନଙ୍କ ସଂପର୍କରେ ଗବେଷଣା:**— ଅନ୍ୟତ୍ର ହାସଲ ହୋଇଥିବା ଫଳାଫଳକୁ କାର୍ଯ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ଓ ମାଛ ଉତ୍ପାଦନ ସଂପର୍କରେ ନମୁନା ସ୍ୱରୂପ ଗବେଷଣା କରିବା ଉଦ୍ଦେଶ୍ୟରେ ଏ ଯୋଜନା କରାଯାଇଛି । ଗବେଷଣା କର୍ମଚାରୀ ଦଳ ପୁରୀ ଜିଲ୍ଲାର କୌଶଲ୍ୟା-ଗଙ୍ଗଠାରେ ରହିବେ । ଏଠାରେ ଏଭଳି କାର୍ଯ୍ୟପାଇଁ ସୁବିଧା ଅଛି ।




କୁକୁଡ଼ାପାଳନ କେନ୍ଦ୍ରର ଏକ ଦୃଶ୍ୟ । ଅନଗୁଳ (କେନ୍ଦ୍ର) କୁକୁଡ଼ା ପାଳନ କେନ୍ଦ୍ରରୁ
ସ୍ଥାନ:ରେ ଅନ୍ୟ ୪୬ଟି କେନ୍ଦ୍ରକୁ ଅଣ୍ଡା ଓ ଛୁଆ ଯୋଗାଇଦିଆଯାଉଛି



ତାଲିମ କେନ୍ଦ୍ରରେ ଗ୍ରାମସେବିକାମାନେ ନିଜର ସମସ୍ତ କାମ ହାତରେ କରିଥାନ୍ତି,
ଏଠାରେ ସେମାନେ ହାତରେ ଲୁଗା ସଫା କରୁଅଛନ୍ତି



ଅଗ୍ନିଭୟରୁ ରକ୍ଷା ପାଇବା ନିମନ୍ତେ ନରିଆ ଟାଇଲ ଗାଁଗହଳରେ ବ୍ୟବହାର କରାଯାଉଛି । ଅଳ୍ପ ଖର୍ଚ୍ଚରେ ବ୍ଲକ ଅଞ୍ଚଳରେ ଏହା କରାଯାଉଛି । ଏଥିପାଇଁ ବିଭିନ୍ନ ଅଞ୍ଚଳର କୁମ୍ଭାରମାନଙ୍କୁ ତାଲିମ କରାଯାଉଛି ଓ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ଏହି ଟାଇଲ ଯୋଗାଇ ଦିଆଯାଉଛି



ବ୍ଲକ ଅଞ୍ଚଳମାନଙ୍କରେ ଆଦର୍ଶ ପାଇଖାନା ବ୍ୟବସ୍ଥା କରାଯାଉଛି । କ୍ରମଶଃ ଏହି ପାଇଖାନା ଗାଁଗହଳରେ ଲୋକପ୍ରିୟ ହୋଇ ଉଠୁଛି । ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ଅତ୍ୟନ୍ତ ଉପଯୋଗୀ

୧୯୫୬-୫୭ରେ କର୍ମଚାରୀ ନିଯୁକ୍ତ ହୋଇଥିଲେ, ଗବେଷଣା ପାଇଁ ଉପକରଣ କଣା ଯାଇଥିଲା ଓ ନିର୍ମାଣ କାର୍ଯ୍ୟର ଏକ ଅଂଶ ଶେଷ କରାଯାଇଥିଲା । କୌଶଲ୍ୟାଗଙ୍ଗ ପୋଖରୀରେ ବିଭିନ୍ନ ପରିସ୍ଥିତିରେ ଚିଙ୍ଗୁଡ଼ି ମାଛ ପାଳିବା ସଂପର୍କରେ ଗବେଷଣା କରାଯାଉଛି ଓ ୧୯୫୮-୫୯ରେ ଏଭଳି କାମ ଚାଲିବ ।

**ମାଛ ବିହନ କେନ୍ଦ୍ରର ଉନ୍ନୟନ :**—ମାଛ ଯାଆଁଳ ପାଇଁ ଯେଉଁ ଅଭାବ ରହିଛି, ତାହା ପୂରଣ କରିବା ଉଦ୍ଦେଶ୍ୟରେ ଯୋଜନାକାଳରେ ୧୨୦ ଏକର ବିଶିଷ୍ଟ ମାଛ ଯାଆଁଳ ପୋଖରୀ ସମେତ ୪୦ଟି ମାଛ ବିହନ କେନ୍ଦ୍ର ସ୍ଥାପିତ ହେବ । ୧୯୫୬-୫୭ରେ ୩୦ ଏକର ଜଳାଚ୍ଛାଦିତ ଅଞ୍ଚଳକୁ ନେଇ ୧୦ଟି କେନ୍ଦ୍ର ସ୍ଥାପିତ ହୋଇଛି । ୧୯୫୭-୫୮ରେ ସେହିଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି । ପ୍ରଥମେ ୫ ଲକ୍ଷ ଯାଆଁଳ ଉତ୍ପାଦିତ ହେବ ବୋଲି ଅଟକଳ କରାଯାଇଥିବା ସ୍ଥଳେ ଏ ସବୁ କେନ୍ଦ୍ରରୁ ୭ ଲକ୍ଷ ଯାଆଁଳ ଉଠୁଛିବେ । ୧୯୫୮-୫୯ରେ ୩୦ ଏକର ଜମିରେ ଯାଆଁଳ ପୋଖରୀ କରାଯାଇ ୧୦ଟି ମାଛ ବିହନ କେନ୍ଦ୍ର ସ୍ଥାପିତ ହେବ ଓ ଏସବୁଥିରୁ ୧୦ ଲକ୍ଷ ଯାଆଁଳ ଉଠୁଛିବେ ।

**ଗ୍ରାମ ପୁଷ୍କରିଣୀ ଉଦ୍ଧାର ସଂସ୍ଥା :**—ଗ୍ରାମପଞ୍ଚାୟତମାନଙ୍କ ଉପରେ ଯେଉଁ ସବୁ ମାଛ-ପୋଖରୀର ଭାର ଦିଆଯାଇଛି, ସେ ସବୁ ପୋଖରୀରୁ ଦଳ କାଢ଼ିବା ଓ ପାଣି ଶୁଖାଇବା ଏବଂ ମାଛ ମାରିବା ପାଇଁ ସେମାନଙ୍କୁ ଉପକରଣ ଓ ଜାଲ ଦିଆଯିବ । ୮ଟି ଗ୍ରାମ୍ୟ ପୁଷ୍କରିଣୀ ଉଦ୍ଧାର ସଂସ୍ଥା ସ୍ଥାପନ କରିବା ପାଇଁ ପ୍ରସ୍ତାବ କରାଯାଇଛି । ଏମାନଙ୍କୁ ପମ୍ପ, ଜାଲ ପ୍ରଭୃତି ଯନ୍ତ୍ରପାତି ଯୋଗାଇ ଦିଆଯିବ ।

୧୯୫୬-୫୭ର ଶେଷଆଡ଼କୁ ସମ୍ବଲପୁରରେ ଗୋଟିଏ ସଂସ୍ଥା ସ୍ଥାପିତ ହୋଇଥିଲା ଏବଂ ୧୯୫୭-୫୮ରେ ବ୍ରହ୍ମପୁରଠାରେ ୨ଟି ସଂସ୍ଥା ସ୍ଥାପିତ ହୋଇଛି ଓ ଘର ତିଆରି ଚାଲିଛି । ୧୯୫୮-୫୯ ମସିହାରେ ଏଭଳି ୨ଟି ସଂସ୍ଥା ସ୍ଥାପିତ ହେବ ।

**ମାଛ ଚାଷ** :—ଗ୍ରାମପଞ୍ଚାୟତମାନଙ୍କ ଜରିଆରେ ମାଛ ଚାଷର ଉନ୍ନୟନ ପାଇଁ ୨୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏ ଯୋଜନାଟି ପ୍ରଥମେ ପଞ୍ଚାୟତ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ଏହା ମାଛ ଉନ୍ନୟନ ଯୋଜନା ସହିତ ସଂପୃକ୍ତ ହୋଇଥିବାରୁ ଏହାକୁ ଏହି ବାବଦକୁ ଅଣାଯାଇଛି । ୧୯୫୬-୫୭ ମସିହାରେ ରାଜ୍ୟର ୬୭ଟି ଗ୍ରାମପଞ୍ଚାୟତକୁ ୩ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା । ୧୯୫୭-୫୮ରେ ୦.୫୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା । ମଝୁଡ଼ି ଯୋଗୁଁ ପରେ ଏହାକୁ ବଢ଼ାଇ ୩.୬୦ ଲକ୍ଷ ଟଙ୍କା କରାଗଲା । ୧୯୬୮-୫୯ ପାଇଁ ୭.୫୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**ପ୍ରଦର୍ଶନମୂଳକ ମାଛ ଫାର୍ମ ସ୍ଥାପନ** :—ମାଛ ଚାଷ କରିବାର ଉନ୍ନତ ପ୍ରଣାଳୀ ଲୋକମାନଙ୍କୁ ଶିଖାଇ ଦେବା ଓ ପ୍ରତିବର୍ଷ ଗୋଟିଏ କରି ୫ଟି ପ୍ରଦର୍ଶନ ଫାର୍ମ ସ୍ଥାପନ କରି ଶିକ୍ଷାର୍ଥୀମାନଙ୍କୁ ବିନା ଖର୍ଚ୍ଚରେ ତାଲିମ ଦେବା ଏ ଯୋଜନାର ଉଦ୍ଦେଶ୍ୟ ।

ଏହିଭଳି ଦୁଇଗୋଟି ଫାର୍ମ କୋରାପୁଟ ଜିଲାର ଜୟପୁର ଓ ମୟୂରଭଞ୍ଜ ଜିଲାର କାଠପାଲଠାରେ ଯଥାକ୍ରମେ ୧୯୫୬-୫୭ ଓ ୧୯୫୭-୫୮ରେ ସ୍ଥାପିତ ହୋଇସାରିଛି । ତୃତୀୟ ଫାର୍ମଟି ୧୯୫୮-୫୯ରେ ସ୍ଥାପିତ ହେବ । ୧୯୫୬-୫୭ରେ ୩ ଜଣ ଓ ୧୯୫୭-୫୮ରେ ୧୭ ଜଣ ଶିକ୍ଷାର୍ଥୀ ତାଲିମ ହୋଇଥିଲେ ।

୧୯୫୮-୫୯ ମସିହାରେ ଏ ଭିଡ଼ନୋଟିସାକ ଫାର୍ମରେ ୩୦ ଜଣ ତାଲିମ ହେବେ । ୧୯୫୬-୫୭ରେ ସ୍ଥାପିତ ହୋଇଥିବା ଫାର୍ମରେ ମାଛ ଯାଆଁଳ ଛଡ଼ାଯାଇଛି ଓ ୧୯୫୮-୫୯ଠାରୁ ମାଛ ମିଳିବେ ।

**ହୀରାକୁଦ ଜଳଭଣ୍ଡାରରେ ବିଦ୍ୟୁତ୍-ଚାଳିତ ନୌକାଯୋଗେ ମାଛଧରା :**—ହୀରାକୁଦ ବନ୍ଧ ନିର୍ମିତ ହେବା ଫଳରେ ବିରାଟ ଜଳାଶୟ ସୃଷ୍ଟି ହୋଇଛି । ସେଠାରେ ଗୋଟିଏ ଆଭ୍ୟନ୍ତରୀଣ ମାଛଧରା ସଂସ୍ଥା ସ୍ଥାପନ କରିବା ପାଇଁ ସ୍ଥିର କରାଯାଇଛି । ଜଳାଶୟରେ ମାଛ ମହଜୁଦ କରି ରଖାଯିବେ ଓ ବିଦ୍ୟୁତ୍-ଚାଳିତ ନୌକାଦ୍ୱାରା ଧରାଯିବେ । ୧୯୫୬-୫୭ରେ ଏଥିପାଇଁ କର୍ମଚାରୀ ନିଯୁକ୍ତ ହୋଇଥିଲେ ଓ ଉପକରଣ ଖରିଦ ହୋଇଥିଲା ଏବଂ ଜଳଭଣ୍ଡାରରେ ମାଛ ଛଡ଼ା ହୋଇଥିଲେ । ୧୯୫୭-୫୮ରେ ଲାଇନ୍ ଓ ହୁକ୍ ବିଷୟରେ ପରୀକ୍ଷା କରାଯାଇଥିଲା ଓ ଜାଲ ତିଆରି ହୋଇଥିଲା । ୧୯୫୮-୫୯ରେ ପରୀକ୍ଷା ଚାଲୁ ରହିବ ।

**ନଦୀ ମୁହାଣରେ ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ମାଛଧରା :**—ଓଡ଼ିଶାର ବିରାଟ ନଦୀ ମୁହାଣମାନଙ୍କରେ ଯଥେଷ୍ଟ ପରିମାଣରେ ମାଛଧରା ହୋଇପାରେ ନାହିଁ । ସେଠାରେ ଶ୍ରେଷ୍ଠ ଶ୍ରେଷ୍ଠ ବିଦ୍ୟୁତ୍‌ଚାଳିତ ନୌକା ସାହାଯ୍ୟରେ ମାଛଧରା ନ ହେଲେ ଅନ୍ୟ ଉପାୟରେ ବେଶି ମାଛଧରା ହୋଇ ପାରିବେ ନାହିଁ । ଏ ଦୃଷ୍ଟିରୁ ନଦୀ ମୁହାଣମାନଙ୍କରେ ଅଳ୍ପ ପରିମାଣରେ ପରୀକ୍ଷାମୂଳକ ଭାବରେ ମାଛ ଧରିବାର ବ୍ୟବସ୍ଥା କରାଯାଇଥିଲା । ୧୯୫୭-୫୮ରେ କର୍ମଚାରୀ ନିଯୁକ୍ତ ହୋଇଥିଲେ, ଉପକରଣ କିଣା ହୋଇଥିଲା ଓ ସର୍ଭେ କରାଯାଇଥିଲା । ଜାଲରେ

ମାଛ ଧରିବା ସଂପର୍କରେ ଯେଉଁ ପରୀକ୍ଷା କରାଯାଇଥିଲା, ତାହା ସନ୍ତୋଷଜନକ ହୋଇଥିଲା । ଏ ଯୋଜନା ୧୯୫୮–୫୯ରେ ଚାଲୁ ରହିବ ।

**ପ୍ରଦର୍ଶନମୂଳକ ସମୁଦ୍ର ମାଛ ଫାର୍ମ ସ୍ଥାପନ :—** ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ବିସ୍ତୀର୍ଣ୍ଣ ପରିମାଣରେ ପଡ଼ିଆ ଜମି ଅବିକଶିତ ଭାବରେ ପଡ଼ି ରହିଛି । ଏ ପଡ଼ିଆଗୁଡ଼ିକର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଯୋଜନାକାଳରେ ପ୍ରତ୍ୟେକ ୨୦ ଏକର ବିଶିଷ୍ଟ ଦୁଇଟି ମାଛଫାର୍ମ ସ୍ଥାପନ କରିବା ପାଇଁ ପ୍ରସ୍ତାବ ହୋଇଥିଲା । ମିଳିତ ଜାତି ସଂଘର "ଖାଦ୍ୟ ଓ କୃଷି ସଂଗଠନ"ର ସର୍ଭେୟରଙ୍କ ବିଶେଷ ପରାମର୍ଶ ମିଳିବା ପରେ ମାଛ ଫାର୍ମର ସ୍ଥାପନ ସଂପର୍କରେ ଶେଷ ନିଷ୍ପତ୍ତି ହେବାର ଥିଲା; କିନ୍ତୁ ତାଙ୍କ ପରାମର୍ଶ ଠିକ୍ ସମୟରେ ନ ମିଳିବାରୁ କଟକ ଜିଲ୍ଲାର କୁଜଙ୍ଗ-ଠାରେ ଗୋଟିଏ ଫାର୍ମ ସ୍ଥାପନ କରିବାପାଇଁ ସ୍ଥିର ହୋଇଥିଲା । ଆହୁରି ମଧ୍ୟ ଫାର୍ମପାଇଁ ଆବଶ୍ୟକୀୟ ଜମି ଶୀଘ୍ର ନ ମିଳିବାରୁ ୧୯୫୬–୫୭ରେ ଫାର୍ମ କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ । ୧୯୫୭–୫୮ରେ ଏ କାର୍ଯ୍ୟ ଚାଲୁଥିଲା । ୧୯୫୮–୫୯ରେ ନଦୀ-ମୁହାଣ ମାଛ ଫାର୍ମରେ ମାଛ କିପରି ବଢ଼ୁଛନ୍ତି ଓ ସେମାନଙ୍କୁ କୃତ୍ରିମ ଭାବରେ ଖାଇବାକୁ ଦେବାର ଫଳାଫଳ କଣ ହେଉଛି, ସେ ବିଷୟରେ ଗବେଷଣା କରିବା ପାଇଁ ସ୍ଥିର କରାଯାଇଥିଲା । ୧୯୫୮–୫୯ରେ ୨୦ ଏକର ଜମି ବିଶିଷ୍ଟ ଦ୍ୱିତୀୟ ଫାର୍ମଟି ଗଞ୍ଜାମ ଜିଲ୍ଲାର ସୋନାପୁରଠାରେ ସ୍ଥାପିତ ହେବ ।

**ସମୁଦ୍ର ଉପକୂଳ ଅଞ୍ଚଳରେ ବିଦ୍ୟୁତ୍-ଚାଳିତ ନୌକାରେ ମାଛଧରା ସମ୍ପର୍କରେ ପରୀକ୍ଷା :—** ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଜୋରସୋରରେ ମାଛଧରା ଉଦ୍ୟମକୁ

ଗୃଲୁ ରଖିବାପାଇଁ କେନ୍ଦ୍ର ସରକାର "ଖାଦ୍ୟ ଓ କୃଷି ଅନୁଷ୍ଠାନ"ର ବିଶାରଦଙ୍କ ସାହାଯ୍ୟ ନେଉଛନ୍ତି । ମାଛଧରାଳୀମାନେ ଯେପରି ସମୁଦ୍ରର ମଧ୍ୟଭାଗକୁ ବହୁଦୂର ପର୍ଯ୍ୟନ୍ତ ଯାଇ ମାଛ ଧରିବେ, ସେଥିପାଇଁ ସେ ଗୋଟିଏ ପ୍ରକାର ନୌକାର ନକ୍‌ସା ତିଆରି କରୁଛନ୍ତି । ସମୁଦ୍ରରେ ବିଦ୍ୟୁତ୍‌ଚାଳିତ ନୌକାରେ ମାଛ ଧରିବା ବିଷୟରେ ପରୀକ୍ଷା ଚଳାଇବା ପାଇଁ ସ୍ଥିର କରାଯାଇଛି । ୧୯୫୬-୫୭ ମସିହାରେ କର୍ମଚାରୀ ନିଯୁକ୍ତ ହୋଇଥିଲେ ଓ ଉପକରଣ ଖରିଦ ହୋଇଥିଲା । ଆଉ ମଧ୍ୟ ତାଲିମ ସକାଶେ ଦୁଇଜଣ ଅଫିସରଙ୍କୁ ମାନ୍ଦ୍ରାଜ ପଠାଯାଇଛି । ୧୯୫୮-୫୯ରେ ଯୋଜନା କାର୍ଯ୍ୟକାରୀ ହେବ ।

**ବିଭିନ୍ନ ସାହାଯ୍ୟ କାର୍ଯ୍ୟକ୍ରମ ଅନୁସାରେ ମିଳିଥିବା ଉପକରଣଗୁଡ଼ିକର ଉପଯୋଗ :**— "କାରିଗରି ସହଯୋଗ ସାହାଯ୍ୟ" ଅନୁସାରେ ଓ ଅନ୍ୟାନ୍ୟ ସାହାଯ୍ୟ-ମୂଳକ କାର୍ଯ୍ୟକ୍ରମ ଅନୁସାରେ ଶୀତଳ ଭଣ୍ଡାର, ପମ୍ପ ପ୍ରଭୃତି ସାହାଯ୍ୟ ମିଳୁଛି । ଏ ସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉଛି ।

## (୯) ଶସ୍ୟାଗାର ଓ ବିକ୍ରିବଟା

**ବିକ୍ରିବଟା ଅନୁଷ୍ଠାନର ଦୃଢ଼ୀକରଣ**— ଉତ୍ତରୋତ୍ତର ବୃଦ୍ଧି ପାଉଥିବା କାର୍ଯ୍ୟ ପରିଚାଳନା କରିବା ଲାଗି ମାର୍କେଟିଂ ବିଭାଗରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପାଇଁ ଏ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ୧୯୫୬-୫୭ରେ କେତେକ ଅତିରିକ୍ତ କର୍ମଚାରୀ ନିଯୁକ୍ତ ହୋଇଥିଲେ ।

**ବିକ୍ରିବଟାର ଉନ୍ନୟନ ଓ ନିୟନ୍ତ୍ରିତ ବଜାର ପାଇଁ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି :**— ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ବାର୍ଷିକ ୬୦ ହିସାବରେ ୧୫୦ ଜଣ ଶିକ୍ଷାର୍ଥୀ ମାର୍କେଟିଂ ବିଭାଗ ପାଇଁ ତାଲିମ କରିବା ସକାଶେ ସ୍ଥିର କରାଯାଇଥିଲା । ସମବାୟ ତାଲିମ ଅନୁଷ୍ଠାନମାନଙ୍କ ଜରିଆରେ ବିକ୍ରିବଟା ଓ ସମବାୟ ବିକ୍ରିବଟା ସମ୍ପର୍କରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ ଓଜନ ଓ ମାପ ଇନ୍‌ସପେକ୍ଟରମାନଙ୍କୁ ତାଲିମ ଦେବା ଆବଶ୍ୟକ । ଇନ୍‌ସପେକ୍ଟରମାନଙ୍କୁ କେତେକ ଦଳରେ ବିଭକ୍ତ କରି ଗୋପାଳପୁରଠାରେ ଥିବା ସରକାରୀ ସମବାୟ ତାଲିମ ଅନୁଷ୍ଠାନକୁ ପଠାଇବା ପାଇଁ ସ୍ଥିର କରାଯାଇଛି । ୧୯୫୮ ଜାନୁଆରୀ ପହିଲାଠାରୁ ତାଲିମ ନେବା ପାଇଁ ପ୍ରଥମ ଦଫା ଇନ୍‌ସପେକ୍ଟରମାନଙ୍କୁ ପଠାଯାଇଛି ।

**ବିକ୍ରିବଟା ଖବରାଖବର ସଂଗ୍ରହ ପାଇଁ ମିଳିତ ଯୋଜନା :**— ପ୍ରଥମେ "ସମନ୍ୱିତ ବଜାର ଖବରାଖବର ସଂସ୍ଥା" ଭାରତ ସରକାରଙ୍କଦ୍ୱାରା ଅନୁମୋଦିତ ହୋଇଥିଲା । ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଏହା ବଦଳରେ "ବଜାର ଖବରାଖବରର ଉନ୍ନତି ପାଇଁ ମିଳିତ ଯୋଜନା" କାର୍ଯ୍ୟକାରୀ ହେଲା । ଏହି ସଂଶୋଧିତ ଯୋଜନା ଅନୁସାରେ ୧୭ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ପହଞ୍ଚୁଥିବା ପ୍ରଧାନ ପ୍ରଧାନ କୃଷିଜାତ ଦ୍ରବ୍ୟର ଦରଦାମ ସମ୍ପର୍କରେ କଟକ ବେତାର କେନ୍ଦ୍ର ଯୋଗେ ଘୋଷଣା କରିବା ସମ୍ପର୍କରେ ବ୍ୟବସ୍ଥା କରାଯାଇଛି । ସପ୍ତାହ ମଧ୍ୟରେ ବଜାର ଦର ସମ୍ପର୍କରେ ଗୋଟିଏ ବୁଲେଟିନ ପ୍ରଚାର କରାଯିବ । ରାଜ୍ୟର ୧୫ଟି ବାଣିଜ୍ୟ ପେଣ୍ଠରେ ବଜାର

ଦର ତାଲିକା ପ୍ରକାଶ କରିବା ପାଇଁ ବ୍ୟବସ୍ଥା କରାଯିବ । ୧୯୫୭-୫୮ରେ ଏ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଏ ଯୋଜନା ଅନୁସାରେ ୧୯୫୮-୫୯ରେ ଅତିରିକ୍ତ କର୍ମଚାରୀ ନିଯୁକ୍ତ ହେବେ ।

**ରାଜ୍ୟ ପଣ୍ୟାଗାର କର୍ପୋରେସନ୍‌ର ଅଂଶ ମୂଳଧନ ବାବଦକୁ ଦାନ :**— ଚାଷୀମାନେ ଯେପରି ସେମାନଙ୍କର ବଳକା କୃଷିଜାତ ଦ୍ରବ୍ୟ ମହଜୁଦ କରି ରଖି ପାରିବେ, ସେଥିପାଇଁ ପଣ୍ୟାଗାରମାନ ସ୍ଥାପନ କରାଯାଉଛି । ଯେଉଁ ଚାଷୀମାନେ ପଣ୍ୟାଗାରରେ ସେମାନଙ୍କ ଉତ୍ପନ୍ନ ମହଜୁଦ କରି ରଖିବେ, ସେମାନଙ୍କୁ ରସିଦ୍ ଦିଆଯିବ । ଏହି ରସିଦ୍‌ଗୁଡ଼ିକ ବନ୍ଧକଯୁ ଦଲିଲ ଅଟେ । ଏଥିରେ ସ୍ୱୀକୃତି ଦିଆଯାଇଥିବ ଯେ, ସେମାନେ ଯେପରି ଉଚିତ ଦରରେ ସେମାନଙ୍କ ଉତ୍ପନ୍ନ ଲାଗି ଦରଦାମ କରି ପାରିବେ ବୃଦ୍ଧି କରିପାରିବେ । ଯୋଜନାକାଳରେ ୨୫ଟି ପଣ୍ୟାଗାର ସ୍ଥାପନ କରିବା ପାଇଁ ଅସ୍ଥାୟୀ ଭାବରେ ଠିକ୍ କରାଯାଇଥିଲା । ଏଥି-ମଧ୍ୟରୁ ୯ଟି ସ୍ଥାନ କେନ୍ଦ୍ର, ପଣ୍ୟାଗାର କର୍ପୋରେସନଦ୍ୱାରା ଉପଯୁକ୍ତ ବୋଲି ବିବେଚିତ ହୋଇଥିଲା ଓ ଅବଶିଷ୍ଟ କେନ୍ଦ୍ରଗୁଡ଼ିକରେ ରାଜ୍ୟ ପଣ୍ୟାଗାର ସ୍ଥାପନର ଉପଯୋଗୀ ବୋଲି ବିବେଚିତ ହୋଇଥିଲା । ଏ ସବୁ କେନ୍ଦ୍ର ସମ୍ପର୍କରେ ବିକ୍ରି ହେବା ଜିନିଷପତ୍ରର ପରିମାଣ, ସେଗୁଡ଼ିକରେ ଜିନିଷପତ୍ର ମହଜୁଦ୍ କରି ରଖିବାର କି ସୁବିଧା ଅଛି ଏବଂ ଆଉ କେତେ ଜାଗା ଦରକାର ଇତ୍ୟାଦି ବିଷୟରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇଥିଲା । ୧୯୫୬ର 'ଓଡ଼ିଶା ପଣ୍ୟାଗାର ଆଇନ' ରାଷ୍ଟ୍ରପତିଙ୍କର ସ୍ୱୀକୃତି ଲାଭ କରିଛି ଓ ତଦନୁସାରେ ନିୟମାବଳୀ ପ୍ରଣୀତ ହୋଇଛି । ଏ ରାଜ୍ୟ ପାଇଁ ଗୋଟିଏ ରାଜ୍ୟ ପଣ୍ୟାଗାର କର୍ପୋରେସନ୍ ସ୍ଥାପିତ ହୋଇଛି ।

କର୍ପୋରେସନ୍ କାର୍ଯ୍ୟ ଆରମ୍ଭ କଲେ ରାଜ୍ୟରେ ପଣ୍ୟାଗାରମାନ-ସ୍ଥାପନ କରି ସେ ସବୁ ପରିଚାଳନା କରିବେ । କର୍ପୋରେସନ୍‌କୁ ଅଂଶ ମୂଳଧନ ଦେବା ପାଇଁ ବ୍ୟବସ୍ଥା କରାଯାଇଛି ।

**"ଅଗ୍ ମାର୍କ" ଅନୁସାରେ କ୍ଲାସିଫିକେସନ୍ (ଗ୍ରେଡିଂ) :**—ଯୋଜନା କାଳରେ କଟକଠାରେ ଗୋଟିଏ ଅଗ୍ ମାର୍କ ଏମ୍ପୋରିଏମ୍ ବା ବିପଣି ସ୍ଥାପନ କରିବା ଏବଂ ଚାଉଳ, ଗୁଡ଼, ଆଳୁ ଓ ଖାଇବା ତେଲ ବିକ୍ରି ପାଇଁ ୧୦ଟି କ୍ଲାସିଫିକେସନ୍ କରିବା ଷ୍ଟେସନ ସ୍ଥାପନ କରିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି । ଏହି ଏମ୍ପୋରିଏମ କଟକ-ଠାରେ ଖୋଲାଯାଇଛି ଓ ଏହା ରାଜ୍ୟ ସମବାୟ ବାଣିଜ୍ୟ ସମିତିଦ୍ୱାରା ପରିଚାଳିତ ହେଉଛି । ମୟୂରଭଞ୍ଜ, ବାଲେଶ୍ୱର ଓ ଓ ସମ୍ବଲପୁର ଜିଲାର ଧାନକଳ ଓ ସୀତାଶାଳ ମିଲ, ଉସୁନା ଓ ଅରୁଆ ଚାଉଳର ନମୁନା ସଂଗ୍ରହ କରାଯାଇ ସେଗୁଡ଼ିକର ବିଶ୍ଲେଷଣ କରାଯାଇଥିଲା ଏବଂ ଆଞ୍ଚଳିକ ଭିତ୍ତିରେ ସେଗୁଡ଼ିକୁ କ୍ଲାସିଫିକେସନ୍ କରାଯାଇଥିଲା । ଭାରତ ସରକାରଙ୍କ ଏଗ୍ରିକଲଚରାଲ ମାର୍କେଟିଂ ଆଡ୍‌ଭାଇଜରଙ୍କ ଅନୁମୋଦନ ନିମନ୍ତେ ତାଙ୍କ ପାଖରେ ଏ ସବୁ ଦାଖଲ କରାଯାଇଛି । ଏ ଗୁଡ଼ିକ ଅନୁମୋଦିତ ହୋଇ ସାରିବା ପରେ ଚାଉଳ ପାଇଁ କ୍ଲାସିଫିକେସନ୍ ଷ୍ଟେସନ ସ୍ଥାପନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ । ୧୯୫୮-୫୯ରେ ୨ଟି କ୍ଲାସିଫିକେସନ୍ ଷ୍ଟେସନ ସ୍ଥାପିତ ହେବ ଓ ଅଗ୍‌ମାର୍କ ଏମ୍ପୋରିଏମକୁ ଚାଲୁ ରଖାଯିବ ।

## ନିୟନ୍ତ୍ରିତ ବଜାର ସ୍ଥାପନ

**ମାର୍କେଟିଂ କମିଟୀମାନଙ୍କୁ ଋଣ :**—କୃଷୀମାନଙ୍କ ପାଇଁ ଉନ୍ନତତର ବିକ୍ରି ବଟାର ସୁବିଧା କରିଦେବା ଓ ସେମାନେ ସେମାନଙ୍କ

ଉତ୍ପନ୍ନି ପାଇଁ ଯେପରି ଉଚିତ ଲଭ ପାଇବେ, ତହିଁର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ନିୟନ୍ତ୍ରିତ ବଜାରମାନ ସ୍ଥାପନ କରିବା ପାଇଁ ସ୍ଥିର କରାଯାଇଛି । ଏଥିପାଇଁ କୃଷୀ, ବ୍ୟବସାୟୀ ଓ ସରକାରୀ କର୍ମଚାରୀମାନଙ୍କୁ ନେଇ ମାର୍କେଟିଂ କମିଟିମାନ ସ୍ଥାପନ କରିବା ପାଇଁ ୧୯୫୭ର ଓଡ଼ିଶା ଏଗ୍ରିକଲଚରାଲ ପ୍ରଡ୍ୟୁସ୍ ମାର୍କେଟିଂ ଆକ୍ଟରେ ବ୍ୟବସ୍ଥା କରାଯାଇଛି । ଏହି କମିଟିମାନେ ବଜାରର ନିୟନ୍ତ୍ରଣ ଓ ବିକାଶ କରିବେ । ସର୍ବମୋଟ ୧୫ଟି ବଜାର ସ୍ଥାପନ କରିବା ପାଇଁ ସ୍ଥିର ହୋଇଛି ଓ ଏଥିଭିତରୁ ୩ଟି ୧୯୫୭-୫୮ରେ ସ୍ଥାପିତ ହୋଇଛି । ଅବଶିଷ୍ଟ ବର୍ଷମାନଙ୍କରେ ପ୍ରତି ବର୍ଷ ୪ଟି ହିସାବରେ ବଜାର ନିୟନ୍ତ୍ରିତ ହେବ । ମୋଟାମୋଟି କାର୍ଯ୍ୟକାରୀ କରିବା ପାଇଁ କମିଟିମାନଙ୍କୁ ଋଣ ଦିଆଯିବ । ଯୋଜନାରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଲଭ କରିବା ସକାଶେ ୧୯୫୮-୫୯ରେ ୪ଟି ବଜାରକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥିର କରାଯାଇଛି ।

## (୧୦) ସମବାୟ

ନିଖିଳ ଭାରତ ଗ୍ରାମ୍ୟ ଋଣ ଅନୁସନ୍ଧାନ କମିଟିଙ୍କ ସୁପାରିଶମତେ ଓ ରାଜ୍ୟ ସରକାରଙ୍କଦ୍ୱାରା ଗୃହୀତ ହୋଇଥିବାମତେ ଯେଉଁ ସଂଯୁକ୍ତ ଋଣ ଯୋଜନା ହୋଇଛି, ତଦନୁଯାୟୀ ପ୍ରଚଳିତ ରାଜ୍ୟ ସମବାୟ ବ୍ୟାଙ୍କ, କେନ୍ଦ୍ର ଭୂ-ବନ୍ଧକ ବ୍ୟାଙ୍କ ଓ ରାଜ୍ୟ ସମବାୟ ବାଣିଜ୍ୟ ସମିତିକୁ ପୁନର୍ଗଠିତ କରାଯାଇଛି । ରାଜ୍ୟ ସରକାର ଏମାନଙ୍କର ମୂଳଧନରେ ବହୁତ ଅଂଶ ଖଟାଇଛନ୍ତି ଓ ପରିଚାଳନା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି ( ଶୀର୍ଷ ବାଣିଜ୍ୟ ସମିତି ପାଇଁ ଯେଉଁ ଗୋଦାମ ଦରକାର ତାହାର ନିର୍ମାଣ ଖର୍ଚ୍ଚ ମଧ୍ୟ ସରକାର ବହନ କରୁଛନ୍ତି ) । ନିଜର ଶାଖା ସମିତିମାନଙ୍କ

ଜରିଆରେ ସାର ବଣ୍ଟନ କରିବାର ଭାର ରାଜ୍ୟ ବାଣିଜ୍ୟ ଶୀର୍ଷ ସମିତି ଉପରେ ଅର୍ପିତ ହୋଇଛି । ୨୫ଟି ଛୋଟ ଛୋଟ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକୁ ଏକତ୍ର କରାଯାଇ ସେଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସ୍ୱୟଂସମ୍ପୂର୍ଣ୍ଣ କରିବା ନିମିତ୍ତ ୧୯୫୬-୫୭ରେ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କରେ ପରିଣତ କରାଯାଇଛି ଓ ରାଜ୍ୟ ସରକାରଙ୍କ ତରଫରୁ ପର୍ଯ୍ୟାପ୍ତ ଆର୍ଥିକ ସାହାଯ୍ୟ ଦିଆଯାଇ ୧୯୫୭-୫୮ରେ ସେଗୁଡ଼ିକର ଆର୍ଥିକ ସ୍ଥିତିକୁ ଅଧିକ ଦୃଢ଼ କରାଯାଇଛି । ୧୯୫୮-୫୯ରେ ସେହିଭଳି ସାହାଯ୍ୟ ଦେବାପାଇଁ ମଧ୍ୟ ପ୍ରସ୍ତାବ କରାଯାଇଛି । ସମଗ୍ର ଯୋଜନାକାଳରେ ଋଣ ଦେବା ଉଦ୍ଦେଶ୍ୟରେ ୫୦୦ ବୃହଦାକାର ସମବାୟ ସମିତି ଗଠନ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ୫୦ଟି ପାଇଲଟ୍ ବା ଅଗ୍ରଗାମୀ ସମିତି ବ୍ୟତୀତ ୧୯୫୬-୫୭ରେ ଏଭଳି ୧୦୦ଟି ସମିତି ଗଠିତ ହୋଇଛି ଓ ୧୯୫୭-୫୮ରେ ମଧ୍ୟ ଏହିଭଳି ୧୫୦ଟି ସମିତି ଗଠିତ ହୋଇଛି । ୧୯୫୮-୫୯ରେ ଆଉ ୫୦ଟି ସମିତି ଗଠିତ ହେବ । ଯୋଜନା କାଳମଧ୍ୟରେ ସମିତିମାନଙ୍କ ଦ୍ୱାରା ୨୩୦ଟି ଗୋଦାମ ଘର ନିର୍ମିତ ହେବ । ଏଥିମଧ୍ୟରୁ ୧୨୦ଟି ଗୋଦାମ ଘର ପ୍ରଥମ ଦୁଇ ବର୍ଷ ମଧ୍ୟରେ ମଞ୍ଜୁର ଲାଭ କରିଛି ଏବଂ ଆଉ ୨୦ଟି ଗୋଦାମ ଘର ୧୯୫୮-୫୯ରେ ମଞ୍ଜୁର ଲାଭ କରିବ । ସେହିପରି ସମଗ୍ର ଯୋଜନା କାଳମଧ୍ୟରେ ୩୦ଟି ଆଞ୍ଚଳିକ ସମବାୟ ସମିତି ଗଠନ କରିବା ଲାଗି ସ୍ଥିର ହୋଇଛି । ୩ଟି ଅଗ୍ରଗାମୀ ସମିତି ସହିତ ୧୯୫୬-୫୭ରେ ୧୧ଟି ଆଞ୍ଚଳିକ ସମିତି ଗଠିତ ହୋଇଛି ଓ ଅବଶିଷ୍ଟ ୧୭ଟି ସମିତି ୧୯୫୭-୫୮ରେ ଗଠିତ ହୋଇଛି । ୧୯୫୬-୫୮ ମଧ୍ୟରେ ୧୦ଟି ଗୋଦାମ ଘର ମଧ୍ୟ ନିର୍ମିତ ହୋଇଛି । ଆଞ୍ଚଳିକ ସମବାୟ ସମିତି ଗଠନ

କରିବା ପାଇଁ ଯୋଜନାରେ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ଯୋଜନାକାଳର ଦ୍ୱିତୀୟ ବର୍ଷ ପୂରଣ ହୋଇଛି । ସମବାୟ ଅନୁଷ୍ଠାନକୁ ଉପରୋକ୍ତ ଭାବରେ ପୁନର୍ଗଠିତ କରାଯିବା ଦ୍ୱାରା କୃଷକମାନଙ୍କ ପକ୍ଷରେ ଋଣ ପାଇବା ସୁବିଧାଜନକ ହୋଇଛି । ସେମାନେ ମହାଜନମାନଙ୍କ କବଳରୁ ବହୁପରିମାଣରେ ରକ୍ଷା ପାଇ ଯାଇଛନ୍ତି । ଅଳ୍ପ ଦିନ ହେଲା ଆଞ୍ଚଳିକ ବାଣିଜ୍ୟ ସମିତିମାନେ ସାର ବଣ୍ଟନ ଉଦ୍ଦେଶ୍ୟରେ ଡିପୁ ମାଲିକରୂପେ କାର୍ଯ୍ୟ କରୁଛନ୍ତି । ବହୁ କୃଷକଙ୍କୁ ଋଣ ଦେବା ସକାଶେ ଯେଉଁ କାର୍ଯ୍ୟସୂଚୀ କରାଯାଇଛି, ଏହିସବୁ ବାଣିଜ୍ୟ ସମିତିର ସଫଳତା ଉପରେ ସେଗୁଡ଼ିକ ନିର୍ଭର କରିବ ।

ଉପରୋକ୍ତ କାର୍ଯ୍ୟକ୍ରମ ଛଡ଼ା ଅଟକଳ କରାଯାଇଥିଲା ଯେ ୧୯୫୭-୫୮ରେ କୃଷକମାନଙ୍କୁ ୧୮୫.୧୫ ଲକ୍ଷ ଟଙ୍କା ସ୍ୱଳ୍ପ ମିଆଦ ଋଣ, ୧୫୮.୫୫ ଲକ୍ଷ ଟଙ୍କା ମଧ୍ୟମ ମିଆଦ ଋଣ ଏବଂ ୧୫ ଲକ୍ଷ ଟଙ୍କା ଦୀର୍ଘ ମିଆଦ ଋଣରୂପେ ଦିଆଯିବ । ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆଶା କରାଯାଏ ଓ କେତେକ ସ୍ଥଳରେ ଏହାଠାରୁ ଅଧିକ ଋଣ ଦିଆଯିବାର ସମ୍ଭାବନା ରହିଛି । ୧୯୫୮-୫୯ରେ କୃଷକମାନଙ୍କୁ କୃଷି ଋଣରୂପେ ୫୫୮.୭୮ ଲକ୍ଷ ଟଙ୍କା ଦିଆଯିବା ପାଇଁ ପ୍ରସ୍ତାବ ହୋଇଛି । ଶତକଡ଼ା ୨୬.୭ ଲୋକଙ୍କୁ ଋଣ ଦେବାପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ତାହା ୧୯୫୮-୫୯ରେ ହାସଲ ହୋଇପାରିବାର ଆଶା ।

ଋଣ ଛଡ଼ା ଆଉ କେତେକ କାର୍ଯ୍ୟକଳାପ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି; ଯଥା—ସମବାୟ ଭିତ୍ତିରେ କମଣ କରିବା, ଗୃହ ଓ ପରୀକ୍ଷା କରିବା ପ୍ରଭୃତି । ଯୋଜନାକାଳରେ ବୃହଦାକାର ଓ

ମଧ୍ୟମ ଧରଣର ଶିଳ୍ପ କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁ ୨ଟି ସମବାୟ ଚିନି କାରଖାନା ସ୍ଥାପିତ ହେବ ବୋଲି ପ୍ରସ୍ତାବ ରହିଛି, ତାହାଛଡ଼ା ୨ଟି ସମବାୟ ଚୂଲାଭଣା କାରଖାନାପାଇଁ ମଧ୍ୟ ଯୋଜନାରେ ବ୍ୟବସ୍ଥା କରାଯାଇଛି । ୧୯୫୮-୫୯ରେ ଚୂଲାଭଣା କାରଖାନା ବସାଇବା ପାଇଁ ମନସ୍ଥ କରାଯାଇଛି । ସମବାୟ କୃଷି ଓ ପରୀକ୍ଷା ପାଇଁ ଯେଉଁ ଯୋଜନା କରାଯାଇଛି, ତଦନୁଯାୟୀ ୧୩ଟି ଯୁଗ୍ମ ସମବାୟ କୃଷି ସମିତି ଗଠିତ ହୋଇଛି । ଏହିରୂପେ ଯୋଜନାରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ୧୯୫୭-୫୮ରେ ପୂରଣ ହୋଇଯାଇଛି ।

ସମୁଦାୟ ଯୋଜନାକାଳ ପାଇଁ ଭୂମିହୀନ ଶ୍ରମିକମାନଙ୍କର ଥଇଥାନ ନିମନ୍ତେ ୧୦ଟି ସମବାୟ କୃଷି ସମିତି ସ୍ଥାପନ କରିବା ପାଇଁ ଯେଉଁ କାର୍ଯ୍ୟକ୍ରମ ହୋଇଥିଲା, ସେ ଅନୁସାରେ ୧୯୫୬-୫୭ରେ ସମ୍ବଲପୁର ଜିଲ୍ଲାରେ ୪ଟି ସମିତି ସ୍ଥାପିତ ହୋଇଛି । ଅବଶିଷ୍ଟ ୬ଟି ସମିତି ମଧ୍ୟରୁ ୧୯୫୭-୫୮ରେ ୪ଟି ଓ ୧୯୫୮-୫୯ରେ ୨ଟି ମଞ୍ଜୁରି ଲାଭ କରିଛି । ଏ ଯୋଜନାଟି ଭୂମି ଉନ୍ନୟନ କାର୍ଯ୍ୟର ଅନ୍ତର୍ଭୁକ୍ତ ହୋଇଛି । ରାଜ୍ୟ ରିଲିଫ୍ ଓ ଗ୍ୟାରେଣ୍ଟି ପାଣ୍ଠି ସ୍ଥାପନ କରିବା ପାଇଁ ମନସ୍ଥ କରାଯାଇଛି । ସମବାୟ ଋଣ ଅନୁଷ୍ଠାନମାନଙ୍କଠାରେ ଋଣ ବାବଦରେ ଯେଉଁ ଟଙ୍କା ବାକି ପଡ଼ିଛି, ଅଥଚ ଆଦାୟ ହୋଇ ପାରୁ ନାହିଁ; ତାହାକୁ ନିକାଶ କରିଦେବା ପାଇଁ ଏହି ପାଣ୍ଠି ଖୋଲାଯିବ । ଦୁର୍ଭିକ୍ଷ, ବନ୍ୟା, ମରୁଡ଼ି ପ୍ରଭୃତି ଅପରିହାର୍ଯ୍ୟ କାରଣଯୋଗୁ ଋଣ ଟଙ୍କା ବାକି ପଡ଼ିଥିଲେ ତାକୁ ନିକାଶ କରି ଦିଆଯାଇ ପାରିବ । ତାହାହେଲେ ସମବାୟ ଋଣ ସମିତିଗୁଡ଼ିକର ସ୍ଥିତି ଉପରେ ଆଞ୍ଚ ଆସିବ ନାହିଁ ।

ବହୁସଂଖ୍ୟକ ତାଲିମପ୍ରାପ୍ତ କର୍ମଚାରୀ ସମବାୟ କାର୍ଯ୍ୟ ସକାଶେ ଦରକାର ପଡ଼ୁଛନ୍ତି । ଏଭଳି କର୍ମଚାରୀଙ୍କୁ ତାଲିମ କରିବା

ପାଇଁ ୧୯୫୬-୫୭ରେ ସମ୍ବଲପୁରଠାରେ ଦ୍ୱିତୀୟ ସମବାୟ ତାଲିମ ଅନୁଷ୍ଠାନ ସ୍ଥାପିତ ହୋଇଛି । ପ୍ରତି ବର୍ଷ ଏହି ଅନୁଷ୍ଠାନରେ ୪୦ଜଣ ବିଭାଗୀୟ ଓ ୮୦ ଜଣ ଅଣବିଭାଗୀୟ ଶିକ୍ଷାର୍ଥୀଙ୍କୁ ତାଲିମ କରାଯାଏ ।

ଜନସାଧାରଣଙ୍କ ମଧ୍ୟରେ ସମବାୟ କାର୍ଯ୍ୟ ସମ୍ପର୍କରେ ପ୍ରଚାର କରିବାପାଇଁ "ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ" ନାମକ ବେସରକାରୀ ଅନୁଷ୍ଠାନ ଅଛି । ଏହାର କାର୍ଯ୍ୟ ଦିନକୁ ଦିନ ବଢ଼ୁଛି । ଏହାକୁ ଆର୍ଥିକ ସାହାଯ୍ୟ ଦିଆଯାଉଛି ।

## (୧୧) ସମୂହବିକାଶ ଓ ଜାତୀୟସଂପ୍ରସାରଣ ବ୍ୟବସ୍ଥା

ସମୁଦାୟ ରାଜ୍ୟରେ ୩୦୭ଟି ବ୍ଲକ ସ୍ଥାପିତ ହେବ ବୋଲି ହିସାବ କରାଯାଇଛି । ବିପୁଳ ବିଭାଗ ବ୍ଲକ ଓ ସମୂହବିକାଶ ବ୍ଲକକୁ ମିଶାଇ ୧୯୫୬-୫୭ରେ ନିମ୍ନଲିଖିତ ସଂଖ୍ୟାରେ ଜାତୀୟ ସଂପ୍ରସାରଣ ବ୍ଲକରେ କାର୍ଯ୍ୟ ହେଉଥିଲା ।

| (ଜାତୀୟ ସଂପ୍ରସାରଣ ବ୍ଲକ) | (ଭାଗ) | (ସଂଖ୍ୟା) |
|---|---|---|
| | (୧) ୧୯୫୪-୫୫ (ଅପ୍ରେଲ) | ୩ |
| | (୨) ୧୯୫୫-୫୬ (ଅପ୍ରେଲ) | ୮ |
| | (ଅକ୍ଟୋବର) | ୧୩ |
| | (୩) ୧୯୫୬-୫୭ (ଅପ୍ରେଲ) | ୧୪ |
| | (ଅକ୍ଟୋବର) | ୨୦ |
| ବିପୁଳବିକାଶ ବ୍ଲକ | (।) ୧୯୫୬-୫୭ରେ | ୧୫ |
| | ମୋଟ | ୭୩ |

| | | | |
|---|---|---|---|
| ସମୂହବିକାଶ ବ୍ଲକ | (୧) ୧୯୫୩-୫୪ | (ଅପ୍ରେଲ) | ୧ |
| | (୨) ୧୯୫୫-୫୬ | (ଅପ୍ରେଲ) | ୧ |
| | (୩) ୧୯୫୬-୫୭ | (ଅପ୍ରେଲ) | ୮ |
| | | (ଅକ୍ଟୋବର) | ୩ |
| | | ମୋଟ | ୧୩ |

୧୯୫୭-୫୮ରେ ଆଉ ୫୦ଟି ନୂଆ ଜାତୀୟ ସଂପ୍ରସାରଣ ବ୍ଲକ ଖୋଲିବା ଓ ୧୩ଟି ଜାତୀୟ ସଂପ୍ରସାରଣ ବ୍ଲକକୁ ସମୂହବିକାଶ ବ୍ଲକରେ ପରିଣତ କରିବାପାଇଁ ପ୍ରସ୍ତାବ କରାଯାଇଥିଲା । ସମୁଦାୟ ବ୍ଲକ ଖୋଲିବା ପାଇଁ ଭାରତ ସରକାର ରାଜି ନ ହେବାରୁ କେବଳ ୩୮ଟି ବ୍ଲକ ଖୋଲାଯାଇଛି । ୧୯୫୭ ଅପ୍ରେଲରେ ଚାଲୁ ହେଉଥିବା ଜାତୀୟ ସଂପ୍ରସାରଣ ବ୍ଲକମାନଙ୍କ ମଧ୍ୟରୁ ୭ଟିକୁ ସମୂହବିକାଶ ବ୍ଲକରେ ପରିଣତ କରାଯାଇଛି ଓ ଆଉ ୪ଟିକୁ ୧୯୫୭ ଅକ୍ଟୋବର ମାସ ଠାରୁ ସମୂହବିକାଶ ବ୍ଲକରେ ପରିଣତ କରାଯାଇଛି । ତେଣୁ ବର୍ତ୍ତମାନ ୧୫ଟି ବିପୁଳ ବିକାଶ ବ୍ଲକ ଓ ୨୩ଟି ସମୂହବିକାଶ ବ୍ଲକକୁ ମିଶାଇ ରାଜ୍ୟରେ ମୋଟରେ ୧୨୪ଟି ଜାତୀୟ ସଂପ୍ରସାରଣ ବ୍ଲକ ଅଛି ।

୧୯୫୮-୫୯ର କାର୍ଯ୍ୟକ୍ରମ ଅନୁସାରେ ୧୯୫୮ ଅପ୍ରେଲ ମାସରେ ୧୨ଟି ନୂଆ ଜାତୀୟ ସଂପ୍ରସାରଣ ବ୍ଲକ ଖୋଲାଯିବ ଓ ୩ଟି ଜାତୀୟ ସଂପ୍ରସାରଣ ବ୍ଲକକୁ ସମୂହବିକାଶ ବ୍ଲକରେ ପରିଣତ କରାଯିବ । ୧୯୫୮ ଅକ୍ଟୋବର ମାସରେ ନୂଆ ବ୍ଲକ ଖୋଲିବା ବିଷୟରେ ସିଦ୍ଧାନ୍ତ କରାଯାଇ ନାହିଁ ।

# (୧୨) ପଞ୍ଚାୟତ

**ପଞ୍ଚାୟତ ସେକ୍ରେଟେରୀ ନିଯୁକ୍ତି ସକାଶେ ଗ୍ରାମ-ପଞ୍ଚାୟତମାନଙ୍କୁ ଅର୍ଥ ସାହାଯ୍ୟ :**—ପ୍ରତି ସେକ୍ରେଟେରୀଙ୍କ ଦରମା ବାବଦରେ ମାସିକ ୮ ଟଙ୍କା ହିସାବରେ ଅର୍ଥ ସାହାଯ୍ୟ ଦେବାପାଇଁ ସ୍ଥିର ହୋଇଛି । ଅବଶିଷ୍ଟ ଟଙ୍କା ଗ୍ରାମ ଫଣ୍ଡରୁ ଦିଆଯିବ । ମାସିକ ୧୨ ଟଙ୍କା ହିସାବରେ ମହଙ୍ଗା ଭତ୍ତା ମଧ୍ୟ ଦିଆଯିବ । ୧୯୫୮-୫୯ରେ ୨,୩୪୩ ଜଣ ଗ୍ରାମପଞ୍ଚାୟତ ସେକ୍ରେଟେରୀ ଏ ସୁବିଧା ଲାଭ କରିବେ ।

**ଗ୍ରାମପଞ୍ଚାୟତମାନଙ୍କୁ ଦିଆଯାଇଥିବା ପମ୍ପ ଓ ହାଡ଼ସିଝା କଳ ଚଳାଇବା ପାଇଁ ମେକାନିକ୍ ଓ ଫୋରମ୍ୟାନ ନିଯୁକ୍ତି :**— ଗ୍ରାମପଞ୍ଚାୟତମାନଙ୍କୁ ପମ୍ପ ଓ ହାଡ଼ସିଝା କଳ ଓ ଅମ୍ବର ଚରଖା ଯୋଗାଇ ଦିଆଯାଇଛି । ଏଗୁଡ଼ିକର ଯଥାର୍ଥ ରକ୍ଷଣାବେକ୍ଷଣ ଲାଗି ମିସ୍ତ୍ରୀ ଓ ଫୋରମ୍ୟାନ୍ ଆବଶ୍ୟକ । ଏଥି ସକାଶେ ୧୯୫୮-୫୯ରେ ୧,୨୦,୦୦୦ ଟଙ୍କାର ବ୍ୟବସ୍ଥା କରାଯାଇଛି । ୧୯୫୭-୫୮ରେ ୧୩ ଜଣ ମିସ୍ତ୍ରୀ ନିଯୁକ୍ତ ହୋଇଥିଲେ ଓ ଆଉ ୩୭ ଜଣ ୧୯୫୮-୫୯ରେ ନିଯୁକ୍ତ ହେବେ ।

**ଗ୍ରାମପଞ୍ଚାୟତ ସେକ୍ରେଟେରୀମାନଙ୍କ ତାଲିମ ପାଇଁ ଗ୍ରାଣ୍ଟ :**—୧୯୫୮-୫୯ରେ ୧ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ସେକ୍ରେଟେରୀମାନଙ୍କ ତାଲିମ ପାଇଁ ୫୦ଟି ପାଠଚକ୍ର ଓ ଚଳମାଣ ତାଲିମ ଶିବିର ଅନୁଷ୍ଠିତ ହେବ । ୧୯୫୬-୫୭ରେ ୧୮୮ଟି ଓ ୧୯୫୭-୫୮ରେ ୬୦୦ଟି ପାଠ୍ୟଚକ୍ର ଅନୁଷ୍ଠିତ ହୋଇଛି ।

**ଅର୍ଥକର ଯୋଜନା ନିମନ୍ତେ ଗ୍ରାମପଞ୍ଚାୟତମାନଙ୍କୁ ଋଣ :**—ଦ୍ୱିତୀୟ ଯୋଜନାକାଳରେ ମାଛ ଚାଷ ଛଡ଼ା ଅନ୍ୟାନ୍ୟ

ଅର୍ଥକର ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଗ୍ରାମପଞ୍ଚାୟତମାନଙ୍କୁ ଋଣ ଦେବା ସକାଶେ ୧୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ରେ ୧½ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ୧୯୫୭-୫୮ରେ ୧ ଲକ୍ଷ ଟଙ୍କା ଋଣ ଦେବାପାଇଁ ବ୍ୟବସ୍ଥା କରାଯାଇଥିଲା । ଏ ପର୍ଯ୍ୟନ୍ତ ୧୯୦ଟି ଗ୍ରାମପଞ୍ଚାୟତଙ୍କୁ ଏଭଳି ଋଣ ଦିଆଯାଇଛି । ୧୯୫୮-୫୯ରେ ୫୦ଟି ଗ୍ରାମପଞ୍ଚାୟତଙ୍କୁ ୧ ଲକ୍ଷ ଟଙ୍କା ଋଣ ଦିଆଯିବ ।

**ଗ୍ରାମପଞ୍ଚାୟତମାନଙ୍କୁ ଋଣ; ହାଡ଼ଗୁଣ୍ଡ ତିଆରି :—** ହାଡ଼ଗୁଣ୍ଡକୁ ସାରରୂପେ ଲୋକେ ଯେପରି ବ୍ୟବହାର କରିବେ, ସେଥିପାଇଁ ହାଡ଼ଗୁଣ୍ଡ ତିଆରି କରିବା ସକାଶେ ଗ୍ରାମପଞ୍ଚାୟତମାନଙ୍କୁ ଋଣ ଦିଆଯାଉଛି । ୧୯୫୭-୫୮ରେ ଏଥିପାଇଁ ୧ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା । ୧୦୦ଟି ପଞ୍ଚାୟତକୁ ଋଣ ଦେବା ସକାଶେ ୧୯୫୮-୫୯ରେ ମଧ୍ୟ ୧ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

**ଶସ୍ୟଗୋଲା ନିର୍ମାଣ :—** ରାଜ୍ୟର ୨,୩୪୩ଟି ଗ୍ରାମପଞ୍ଚାୟତ ମଧ୍ୟରୁ ୧,୨୩୩ଟି ପଞ୍ଚାୟତ ପାଇଁ ଶସ୍ୟଗୋଲାର ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ମୟୂରଭଞ୍ଜ ଜିଲ୍ଲାରେ ଥିବା ୩୦ଟି ଖମାରକୁ ଶସ୍ୟଗୋଲାରେ ପରିଣତ କରାଯାଇଛି । ୧୯୫୮-୫୯ରେ ୫ ଲକ୍ଷ ଟଙ୍କା ବ୍ୟୟରେ ୬୦ଟି ଶସ୍ୟଗୋଲା ତିଆରି କରିବାପାଇଁ ପ୍ରସ୍ତାବ କରାଯାଇଛି । ୧୯୫୭-୫୮ ମସିହାରେ ୧୧୨ଟି ଶସ୍ୟଗୋଲା ତିଆରି ହୋଇଥିଲା ।

★ ମୁଦ୍ରାକର—ପଣ୍ଡିତ ଅନସୂୟା ପ୍ରସାଦ ପାଠକ
ରାଷ୍ଟ୍ରଭାଷା-ସମବାୟ ପ୍ରେସ, କଟକ—୧୫,୦୦୦ ★

# ଓଡ଼ିଶା ସରକାର

## ରାଜ୍ୟପାଳ

## ଶ୍ରୀ ଯଶୋବନ୍ତ ନାରାୟଣ ସୁଖ୍‌ଠଣକର

## ମନ୍ତ୍ରିମଣ୍ଡଳ

ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ—ପଲିଟିକାଲ୍ ଆଣ୍ଡ୍ ସର୍ଭିସେସ୍ ଓ ଅର୍ଥ ।

ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ—ଘରୋଇ, ଶିକ୍ଷା ଓ ଆଇନ ।

ଶ୍ରୀ ରାଧାନାଥ ରଥ – ବିକାଶ ।

ଶ୍ରୀ ଦୀନବନ୍ଧୁ ସାହୁ—ଶିଳ୍ପ, ଖଣି ଓ ଭୂତତ୍ତ୍ୱ ।

ଶ୍ରୀ ସତ୍ୟପ୍ରିୟ ମହାନ୍ତି—ରାଜସ୍ୱ, ଅବକାରୀ ଓ ସ୍ୱାୟତ୍ତଶାସନ ।

ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଦେଓ—ପୂର୍ତ୍ତ ।

ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀ—ସ୍ୱାସ୍ଥ୍ୟ ଓ ଥଇଥାନ ।

ଶ୍ରୀ ପବିତ୍ରମୋହନ ପ୍ରଧାନ—ଆଦିବାସୀ, ଗ୍ରାମମଙ୍ଗଳ ଓ ବାଣିଜ୍ୟ ।

ଶ୍ରୀ ନୀଳମଣି ରାଉତରାୟ—ଯୋଗାଣ, ଯାତାୟାତ ଓ ଶ୍ରମ ।

ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ –ନଦୀ-ଉପତ୍ୟକା ଉନ୍ନୟନ ।

## ଉପମନ୍ତ୍ରିଗଣ

ଶ୍ରୀ ବୀର ବିକ୍ରମାଦିତ୍ୟ ସିଂହ ବରିହା—ଆଦିବାସୀ ଓ ଗ୍ରାମମଙ୍ଗଳ ।

ଶ୍ରୀ ଶାନ୍ତନୁକୁମାର ଦାସ—ଗ୍ରାମପଞ୍ଚାୟତ, ମତ୍ସ୍ୟପାଳନ ଓ ସମବାୟ ।

ଶ୍ରୀ କୁମୁଦଚନ୍ଦ୍ର ସିଂହ—ଯାନବାହନ ଓ ଲୋକସଂପର୍କ ।

ଶ୍ରୀ ହିମାଂଶୁଶେଖର ପାଢ଼ୀ—କୃଷି ।

# ମେଟ୍ରିକ୍

# ଓଜନ ଓ ମାପ ପ୍ରଣାଳୀ

| ମେଟ୍ରିକ ଓଜନ | ବାଲେଶ୍ୱରୀ ଓଜନ | ପାଉଣ୍ଡ ଓଜନ |
|---|---|---|
| ୫୦ କିଲୋ ଗ୍ରାମ୍ | ସେ ୫୩।୪୭ ତୋଳା | ପା୧୧୦।୪ ଆଉନ୍ସ |
| ୨୦ କିଲୋ ଗ୍ରାମ୍ | ସେ ୨୧।୩୫ ,, | ପା ୪୪।୧ ,, |
| ୧୦ କିଲୋ ଗ୍ରାମ୍ | ସେ ୧୦।୫୭ ,, | ପା ୨୨।୧ ,, |
| ୫ କିଲୋ ଗ୍ରାମ୍ | ସେ ୫।୨୯ ,, | ପା ୧୧ ଉଣ୍ଡ |
| ୨ କିଲୋ ଗ୍ରାମ୍ | ସେ ୨।୧୧ ,, | ପା ୪।୭ ଆଉନ୍ସ |
| ୧ କିଲୋ ଗ୍ରାମ୍ (୧୦୦୦ ଗ୍ରାମ୍) | ସେ ୧।୭ ,, | ପା ୨।୩ ,, |
| ୫୦୦ ଗ୍ରାମ୍ | ୪୩ ତୋଳା | ପା ୧।୧½ ,, |
| ୨୦୦ ଗ୍ରାମ୍ | ୧୭ ତୋଳା | ୭ ଆଉନ୍ସ |
| ୧୦୦ ଗ୍ରାମ୍ | ୮½ ତୋଳା | ୩ ,, |

ବାଲେଶ୍ୱରୀ ୧ ମହଣ = ୩୭.୩ କିଲୋ

ବାଲେଶ୍ୱରୀ ୧ ସେର = ୯୩୩ ଗ୍ରାମ୍

୧ କ୍ୱିଣ୍ଟାଲ = ୧୦୦ କିଲୋ ଗ୍ରାମ୍ = ମ ୨।୨୭ ସେର (ବାଲେଶ୍ୱରୀ)
= ପା ୨୨୦।୭ ଆଉନ୍ସ।

୧୦ କ୍ୱିଣ୍ଟାଲ = ୧ ମେଟ୍ରିକ୍ ଟନ୍ = ମ ୨୬।୩୨ ସେର (ବାଲେଶ୍ୱରୀ)
= ପା ୨୨୦୪।୧୦ ଆଉନ୍ସ।

୧ କ୍ୱାଟ = ୫୦.୮୦ କିଲୋଗ୍ରାମ୍

୧ ପାଉଣ୍ଡ = ୪୫୪ ଗ୍ରାମ୍

R. B. Co-op. Press, Cuttack